CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୬ ◆ ଭୁବନେଶ୍ୱର ◆ ସୋମବାର ◆ ଫେବୃୟାରୀ ୧୬ରୁ ଫେବୃୟାରୀ ୨୨, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-26 ◆ Bhubaneswar ◆ Monday ◆ February 16 to February 22, 2026 ◆ Page-8 ◆ Price Rs.4.00

## ପରଲୋକରେ ଗୀତା ପଟ୍ଟନାୟକ



ଭୁବନେଶ୍ୱର,(ଜା.ପ୍ର): ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଆଉ ନାହାନ୍ତି। କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ତାଙ୍କର ଦେହାନ୍ତ ହୋଇଛି। କିଛି ଦିନ ତଳେ ମସ୍ତିଷ୍କାଘାତ ଯୋଗୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ସେବେଠାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା। କିନ୍ତୁ ଡାକ୍ତରୀ ଟିମର ସବୁ ପ୍ରକାରର ପ୍ରୟାସ ସତ୍ତ୍ୱେ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ହୋଇ ଯାଇଛି। ଅସୁସ୍ଥ ହେବା ପୂର୍ବରୁ ଗତ ୧୨ ତାରିଖରେ ଭୁବନେଶ୍ୱରରେ ସେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ସେଠାରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷାରୁ ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଲା। ପରେ କଟକର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଡିସେମ୍ବର ୧୦ତାରିଖରେ କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଗୀତା ପଟ୍ଟନାୟକ। ତାଙ୍କ ବାପାଙ୍କ ନାମ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ଓ ମା’ ହେଉଛନ୍ତି ହେମଲତା ପଟ୍ଟନାୟକ।

ଗୀତାଙ୍କ ବାପାଙ୍କର ମଧ୍ୟ ଗୀତ ପ୍ରତି ସଉକ ଥିଲା। ତେଣୁ ଗୀତ ପ୍ରତି ତାଙ୍କର ପିଲାଦିନୁ ଆଗ୍ରହ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ସେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀର ଆଖ୍ୟା ପାଇଥିଲେ। ସେ ୧୯୭୧ ମସିହାରେ ଆକାଶବାଣୀର ଜଣେ ସ୍ୱିକୃତୀ ପ୍ରାପ୍ତ କଣ୍ଠଶିଳ୍ପୀ ହୋଇଥିଲେ। ସେ ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନେକ ହିଟ ଗୀତ ଗାଇଛନ୍ତି। ସେ ମାତ୍ର ପନ୍ଦର ବର୍ଷ ବୟସରେ ‘ଅଦିନ ମେଘ’ ଚଳଚ୍ଚିତ୍ରରେ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ଗୀତ ଗାଇଥିଲେ। ଗୀତା ପଟ୍ଟନାୟକ ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ ଅନେକ ସୁପରହିଟ୍ ଗୀତ ଗାଇଛନ୍ତି। ‘ଯାଯାବର’ ଚଳଚ୍ଚିତ୍ରର ହିଟ ଗୀତ ଫୁର୍ କିନା ଉଡ଼ିଗଲା ବଣି ବହୁତ ଲୋକ ପ୍ରିୟତା ହାସଲ କରିଥିଲା। ସେହିପରି ଦନେଇ ଦାସ କହରେ ଭାଇ (ଯାଯାବର), ଏମିତି ପୁଅକୁ ମୁଁ ବାହା ହୁଅନ୍ତି (ଆହା ମୋର ସୁନା ଗୋରୀ), କେତେବେଳେ କଣ୍ଢା ତୁମେ (ଅକ୍ଷୟ ତୃତୀୟା), ଆରେ ବାବୁ ଶ୍ୟାମଘନ ଇତ୍ୟାଦି ସୁପରହିଟ୍ ଗୀତରେ କଣ୍ଠଦାନ କରିଛନ୍ତି ଗୀତା।

# ଶ୍ରୀଲିଙ୍ଗରାଜ ମନ୍ଦିରଃ ଏଥର ସଅଳ ଉଠିଲା ମହାଦୀପ

ଭୁବନେଶ୍ୱର,(ଜା.ପ୍ର): ଜାଗର ବ୍ରତଧାରୀଙ୍କ ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଚଳିତ ବର୍ଷ ସଅଳ ମହାଦୀପ ଉଠିଛି। ମହାଦୀପ ଉଠିବା ପାଇଁ ରାତି ୧୦ଟା ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସମସ୍ତ ନୀତିକାନ୍ତି ଶୀଘ୍ର ସରିଯିବାରୁ ରାତି ୮ଟା ୪୦ ମିନିଟରେ ମହାଦୀପ ଉଠିଥିଲା। ନିର୍ଦ୍ଧାରିତ ସମୟର ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ୮ଟା ୪୦ ମିନିଟ୍‌ରେ ବିଧିମତେ ସମର୍ଥା ସେବାୟତ ମହାଦୀପ ଧରି ମନ୍ଦିର ପରିକ୍ରମା କରବା ପରେ ମହାଦୀପକୁ ମନ୍ଦିର ଚୂଡ଼ାକୁ ଉଠିଥିଲା। ଯୋଗେନ୍ଦ୍ର ସମର୍ଥା ୮ଟା ୪୧ରେ ମହାଦୀପ ସ୍ଥାପନ କରିଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ମହାଦୀପ ଉଠିଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହଭାବ ଦେଖିବାକୁ ମିଳିଥିଲାବେଳେ ହୁଳହୁଳି, ହରିବୋଲ ଓ ଓଁ ନମଃ



ଶିବାୟ ଧ୍ୱନିରେ କମ୍ପିଥିଲା ମନ୍ଦିର ପରିସର।

ପାରମ୍ପରିକ ବେଢ଼ା ପରିକ୍ରମା ପରେ ଉଠିଥିଲା ମହାଦୀପ। ନିର୍ଦ୍ଧାରିତ ସମୟର ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ୮ଟା ୪୦ ମିନିଟ୍‌ରେ ବିଧିମତେ ସମର୍ଥା ସେବାୟତ ମହାଦୀପ ଧରି ମନ୍ଦିର ପରିକ୍ରମା କରବା ପରେ ମହାଦୀପକୁ ମନ୍ଦିର ଚୂଡ଼ାକୁ ଉଠିଥିଲା। ଯୋଗେନ୍ଦ୍ର ସମର୍ଥା ୮ଟା ୪୧ରେ ମହାଦୀପ ସ୍ଥାପନ କରିଥିଲେ। ମହାଦୀପ ଉଠିଲା ପରେ ଭକ୍ତମାନେ ବ୍ରତ ଭାଙ୍ଗିଥିଲେ।

ଶନିବାର ରାତିରୁ ଭକ୍ତମାନେ ଲିଙ୍ଗରାଜ ଦର୍ଶନ ପାଇଁ ଧାଡ଼ି ବାନ୍ଧି ଅପେକ୍ଷା କରିଥିଲେ। ଆଜି ଦିନତମାମ ମହାଦେବଙ୍କ ଦର୍ଶନ ଲାଗି ରହିଥିଲା ଏବଂ ସନ୍ଧ୍ୟାରୁ ଭଜନ ସମାରୋହ ସାଙ୍ଗକୁ ରାତିରେ ମହାଦୀପ ଦର୍ଶନ ପାଇଁ ଭିଡ଼ ହୋଇଥିଲା। ଏଥିପାଇଁ ମନ୍ଦିର ପ୍ରଶାସନରୁ ଆରମ୍ଭ କରି ବିଏମ୍‌ସି ଓ କମିସନରେଟ୍ ପୁଲିସ ପକ୍ଷରୁ ସବୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିଲା। ଜାଗର ପାଇଁ ସମଗ୍ର ଏକାମ୍ର କ୍ଷେତ୍ର ସମେତ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଲିଙ୍ଗରାଜ ମନ୍ଦିର ମୁଖ୍ୟ ଫାଟକ ଠାରୁ ଆରମ୍ଭ ହୋଇ ବଢେଇବାଙ୍କ ଛକ ପର୍ଯ୍ୟନ୍ତ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ସାଢ଼େ ୩ଟାରେ ପ୍ରଭୁ ଲିଙ୍ଗରାଜଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ପ୍ରଭୁ ଲିଙ୍ଗରାଜଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯାଇଥିଲା।ଅପରପକ୍ଷେ ମହାଦୀପ ଉଠିବା ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅନ୍ୟ ନୀତି ଗୁଡିକ ପୂର୍ବ ଧାର୍ଯ୍ୟ ସମୟ ପୂର୍ବରୁ ମଧ୍ୟ ଶେଷ ହୋଇଛି। ସେହି ନୀତି ମଧ୍ୟରେ ରହିଛି, ସାହାଣ ମେଳା ଦର୍ଶନ, ଚାରିପ୍ରହର ପୂଜା, ହରିହର ଭେଟ, ବଡ଼ସିଂହାର ଓ ପହୁଡ଼ ନିତି କରାଯାଇଛି।

# ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ଜଳବଣ୍ଟନ ଉପରେ ଫୋକସ୍

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ଅନ୍ୟତମ ବୃହତ୍ ଜଳସେଚନ ପ୍ରକଳ୍ପ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍‌ର ଜଳବଣ୍ଟନ ଉପରେ ରାଜ୍ୟ ସରକାର ଫୋକସ୍ କରିଛନ୍ତି। ବୈତରଣୀ ନଦୀ ଉପରେ ହୋଇଥିବା ଏହି ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରହିଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିମନ୍ତେ ୩୬୯ କୋଟି ୭୭ ଲକ୍ଷ ୧୨,୬୪୬ ଟଙ୍କାର ତିନୋଟି ଟେଣ୍ଡରକୁ ମଞ୍ଜୁରୀ ଦେଇଛନ୍ତି। ୨୪ ମାସ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଠିକାଦାର ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଜଳସଂପଦ ବିଭାଗ ପକ୍ଷରୁ ଆସିଥିବା ତିନି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୩୬ ତମ ବୈଠକ ବସିଥିଲା। ଏଥିରେ ମୋଟ୍ ଦୁଇ ବିଭାଗରେ ୪ଟି ପ୍ରସ୍ତାବରେ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ସେଇ ଦୁଇ ବିଭାଗ ହେଉଛି ଜଳସମ୍ପଦ ଏବଂ ଶ୍ରମ ଓ ନିୟୋଜନ ବିଭାଗ। ବୈଠକ ପରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ଅନୁଗର୍ଗ କହିଛନ୍ତି ଯେ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଏକ ବୃହତ ଜଳସେଚନ ପ୍ରକଳ୍ପ, ଯେଉଁଥିରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ



ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଅନ୍ତର୍ଭୁକ୍ତ ବ୍ୟାରେଜ୍‌ର ନିର୍ମାଣ ଓ ସାଳନ୍ଦୀ ନଦୀ ପ୍ରଣାଳୀର ସୁଦୃଢ଼ୀକରଣ କାର୍ଯ୍ୟ ଓ ଉନ୍ମୁକ୍ତ କେନାଲ ପ୍ରଣାଳୀ ମାଧ୍ୟମରେ ୩୦୦୦ ହେକ୍ଟର ଚାଷଜମିର ବିତରଣ ପ୍ରଣାଳୀ ସହ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ସମାପ୍ତ ହୋଇଥିବା ସହ ଜମି ଅଧିଗ୍ରହଣରେ ବିଳମ୍ବକୁ ଦୃଷ୍ଟିରେ ରଖି ଉନ୍ମୁକ୍ତ କେନାଲ ପ୍ରଣାଳୀରେ ହେବାକୁ ଥିବା ଅବଶିଷ୍ଟ ୫୭୦୦୦ ହେକ୍ଟର ଚାଷଜମିର ଜଳବଣ୍ଟନ ବ୍ୟବସ୍ଥାକୁ ବର୍ତ୍ତମାନ ଭୂତଳ ପାଇପ୍‌ଲାଇନ ବ୍ୟବସ୍ଥା ମାଧ୍ୟମରେ ୯ ଗୋଟି ପ୍ୟାକେଜରେ କରାଯିବାର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ‘ସାଳନ୍ଦୀ ବାମ ମୁଖ୍ୟ କେନାଲର ୪୯.୮୧୦ କିମି ଠାରୁ ୫୯.୯୭୦ କିମି ମଧ୍ୟରେ ଭୂତଳ ପାଇପ୍‌ଲାଇନ ବ୍ୟବସ୍ଥା ଦ୍ୱାରା ବିତରଣ ପ୍ରଣାଳୀର ନିର୍ମାଣ ସହ ୪୯୨୪.୦୪ ହେକ୍ଟର ଚାଷଜମିରେ ଜଳସେଚନ ସହ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ’ ଏହି ୯ ଗୋଟି ପ୍ୟାକେଜ୍ ମଧ୍ୟରୁ ଅନ୍ୟତମ। ରାଜ୍ୟ କ୍ୟାବିନେଟ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମିତ୍ତ ୧୦୫ କୋଟି ୬୨ ଲକ୍ଷ ୬୭,୧୪୨ ଟଙ୍କା ଓ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବ୍ୟକ୍ଷଣ ନିମିତ୍ତ ୫ କୋଟି ୩୧ ଲକ୍ଷ ୧୩,୩୫୮ ଟଙ୍କା ଟେଣ୍ଡରଟିକୁ ଅନୁମୋଦନ କରିଛନ୍ତି। ପ୍ରକଳ୍ପଟି ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଅଛି। ଏହି ପ୍ରକଳ୍ପ ଶେଷ ହେବା ପରେ ବାଲେଶ୍ୱର ଜିଲ୍ଲାର ଔପଦା ଓ ବାହାନଗାର ୪୯୨୪.୦୪ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା ଯୋଗାଇ ଦେବ। ଏତଦ୍‌ବ୍ୟତୀତ ଉକ୍ତ ପ୍ରକଳ୍ପଟି ସ୍ଥାନୀୟ ଚାଷୀମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ମଧ୍ୟ ସହାୟକ ହେବ। ସେମିତି ଅନ୍ୟଏକ ପ୍ରକଳ୍ପ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମନ୍ତେ ୧୦୭ କୋଟି ୯୬ ଲକ୍ଷ ୯୮,୫ ,୫୫୪ ଟଙ୍କା ଓ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ୫ କୋଟି ୫୧ ଲକ୍ଷ ୮୪ ,୯୪୬ ଟଙ୍କା ଟେଣ୍ଡରଟିକୁ ଅନୁମୋଦନ କରାଯାଇଛି।

## ଜିଲ୍ଲାପାଳଙ୍କୁ ରାଜ୍ୟସଭାର ସ୍ୱାଧିକାର ଭଙ୍ଗ ନୋଟିସ୍

ଭୁବନେଶ୍ୱର,(ଜା.ପ୍ର): କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ରାଜ୍ୟସଭା ପକ୍ଷରୁ ସ୍ୱାଧିକାର ଭଙ୍ଗ ନୋଟିସ ଜାରି କରାଯାଇଛି। ସରକାରୀ କାର୍ଯ୍ୟକ୍ରମକୁ ସାଂସଦଙ୍କୁ ଆମନ୍ତ୍ରଣ କରାନଯିବା ଘଟଣାକୁ ନେଇ ରାଜ୍ୟସଭା ସଚିବାଳୟ ପକ୍ଷରୁ ଏହି ନୋଟିସ ଜାରି କରାଯାଇଛି। ଦେବାଶିଷ ସାମନ୍ତରାୟଙ୍କ ସହ ଅନ୍ୟ ବିଜେଡି ସାଂସଦଙ୍କ ପକ୍ଷରୁ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଦିଆଯାଇଥିବା ଲିଖିତ ଅଭିଯୋଗକୁ ଗ୍ରହଣ କରି ନୋଟିସ ଜାରି କରାଯାଇଛି। ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ମୁଜିବୁଲ୍ଲା ଖାଁ, ସୁଲତା ଦେଓ, ସସ୍ମିତ ପାତ୍ର, ଶୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ମାନସ ରଞ୍ଜନ ମଙ୍ଗରାଜଙ୍କ ପକ୍ଷରୁ ଫେବୃଆରୀ ୫ ତାରିଖରେ ଏହି ନୋଟିସ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏଣୁ ରାଜ୍ୟସଭା ସଚିବାଳୟ ପକ୍ଷରୁ ନିର୍ଦ୍ଦେଶକ ସକେତ କୁମାର ଏହି ନୋଟିସ୍ କେନ୍ଦ୍ର ପର୍ସନେଲ୍, ପବ୍ଲିକ୍ ଗ୍ରିଭାନ୍‌ସେସ୍ ଓ ପେନ୍‌ସନ୍ ବିଭାଗ ମନ୍ତ୍ରଣାଳୟ ଜରିଆରେ ପ୍ରଦାନ କରିଛନ୍ତି। ରାଜ୍ୟସଭା ସଚିବାଳୟ ପକ୍ଷରୁ ଗତ ୧୧ ତାରିଖରେ ବିଭାଗକୁ ପଠାଯାଇ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ୨୩ ତାରିଖ ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ରାଜ୍ୟସଭାର ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆସିଥିଲେ। ସେଠାରେ ବିଭିନ୍ନ ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଥିଲା। ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କଟକର ବାସିନ୍ଦା ହୋଇଥିବା ବେଳେ ତାଙ୍କୁ ଏହି କାର୍ଯ୍ୟକ୍ରମକୁ ଡକାଯାଇ ନଥିଲା କି ଫଳକରେ ତାଙ୍କ ନାମ ନଥିଲା।

CMYK

ଜାତୀୟ ଚେତନା
JATIYA CHETANA



# ଏଣିକି 'ଜନ ଗଣ ମନ' ପୂର୍ବରୁ 'ବନ୍ଦେ ମାତରମ୍'

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ର ସରକାର ଜାତୀୟ ଗୀତ 'ବନ୍ଦେ ମାତରମ୍' ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଗୃହ ମନ୍ତ୍ରଣାଳୟ ନିଜ ଆଦେଶରେ ଉଲ୍ଲେଖ କରିଛି ଯେ 'ବନ୍ଦେ ମାତରମ୍' ଏବେ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ସ୍କୁଲ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଅବସରରେ ପରିବେଷଣ କରାଯିବ। ସେହିପରି ଜାତୀୟ ସଂଗୀତ 'ଜନ ଗଣ ମନ' ପରି ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରାଯିବା ସମୟରେ ମଧ୍ୟ ଛିଡ଼ା ରହିବାକୁ ବାଧ୍ୟତାମୂଳକ କରାଯାଇଛି। ସରକାରଙ୍କ ନୂତନ ନିୟମ ଅନୁଯାୟୀ, ବନ୍ଦେ ମାତରମ୍‌ରେ ଥିବା ସମସ୍ତ ୬ଟି ଯାକ ପଦ୍ୟାଂଶକୁ ଏକାଥରକେ ବା ସାମୂହିକ ଭାବେ ଗାନ କରାଯିବ। କୌଣସି ପରିସ୍ଥିତିରେ ମଧ୍ୟରେ ଏହାକୁ ଅଧା ଗାନ କରାଯିବ ନାହିଁ। ବନ୍ଦେ ମାତରମ୍ ଗାନ ପାଇଁ ମୋଟ ସମୟ ଅବଧି ୩ ମିନିଟ୍ ୧୦ ସେକେଣ୍ଡ (୧୯୦ ସେକେଣ୍ଡ୍) ଧାର୍ଯ୍ୟ କରାଯାଇଛି। ଆଜି ପର୍ଯ୍ୟନ୍ତ, ମୂଳ ଗୀତର କେବଳ ପ୍ରଥମ ଦୁଇଟି ପଦ ହିଁ ପ୍ରାୟତଃ ଗାନ କରାଯାଇଆସୁଥିଲା। ଯଦିଓ ଏହି ନିର୍ଦ୍ଦେଶ ସରକାରଙ୍କ ପକ୍ଷରୁ ଗତ ଜାନୁଆରୀ ୨୮ ତାରିଖରେ ହିଁ ଜାରି କରାଯାଇଥିଲା, କିନ୍ତୁ ଗଣମାଧ୍ୟମ ଫେବୃଆରୀ ୧୧ ତାରିଖରେ ଏହା ରିପୋର୍ଟ କରିଛି।

ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଦେଶନାମାରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ଯଦି ଜାତୀୟ ଗୀତ 'ବନ୍ଦେ ମାତରମ୍' ଏବଂ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଏକାଠି ଗାନ କରିବାକୁ ହୁଏ ତେବେ ସର୍ବପ୍ରଥମେ 'ବନ୍ଦେ ମାତରମ୍' ଏବଂ ଏହା ପରେ 'ଜନ ଗଣ ମନ' ଗାନ କରାଯିବ। ଉଭୟ ଜାତୀୟ ସଂଗୀତ ଏବଂ ଜାତୀୟ ଗୀତ ଗାନ ସମୟରେ ଯେଉଁମାନେ ଗାଉଛନ୍ତି କିମ୍ବା ଶୁଣୁଛନ୍ତି ସେମାନଙ୍କୁ ସତର୍କତା ପାଳନ ପୂର୍ବକ ନିଜ ଆସନରୁ ଉଠି ଛିଡା ହେବାକୁ ପଡ଼ିବ। ସେହିପରି ସ୍କୁଲଗୁଡ଼ିକରେ ମଧ୍ୟ ପ୍ରଥମେ ବନ୍ଦେ ମାତରମ୍ ଏବଂ ଏହା ପରେ ଜାତୀୟ ସଂଗୀତ ଗାନ କରାଯିବ। ଏହା ପରେ ହିଁ ସ୍କୁଲରେ ପାଠ ପଢ଼ା ଆରମ୍ଭ ହେବ। ତେବେ ସିନେମା ହଲ୍‌ଗୁଡ଼ିକୁ ଏହି ରାଷ୍ଟ୍ରଗୀତ ସମ୍ପର୍କିତ ଜାରି ନୂତନ ନିୟମରୁ ମୁକ୍ତ କରାଯାଇଛି। ଏହାର ଅର୍ଥ ହେଉଛି 'ବନ୍ଦେ ମାତରମ୍' ବଜାଇବା ଏବଂ ଚଳଚ୍ଚିତ୍ର ଆରମ୍ଭ ହେବା ପୂର୍ବରୁ ଫିଲ୍ମ ହଲ୍‌ରେ ଥିବା ବ୍ୟକ୍ତିବିଶେଷମାନେ ଛିଡା ହେବା ବାଧ୍ୟତାମୂଳକ ହେବ ନାହିଁ। କିନ୍ତୁ ରାଷ୍ଟ୍ରୀୟ ସଂଗୀତ 'ଜନ ଗଣ ମନ' ବାଜିବା ସମୟରେ ପୂର୍ବବତ୍ ଛିଡା ହେବାକୁ ପଡ଼ିବ।

ରାଷ୍ଟ୍ରଗୀତ ଭାବେ ପରିଚିତ 'ବନ୍ଦେ ମାତରମ୍'କୁ ୧୮୭୫ ନଭେମ୍ବର ୭ ତାରିଖରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଲେଖିଥିଲେ। ଏହା ପ୍ରଥମେ ୧୮୮୨ ମସିହାରେ ତାଙ୍କ ଉପନ୍ୟାସ ଆନନ୍ଦମଠର ଅଂଶ ଭାବରେ ତାଙ୍କ ପତ୍ରିକା ବଙ୍ଗଦର୍ଶନରେ ପ୍ରକାଶିତ ହୋଇଥିଲା। ତେବେ ୧୮୯୬ ମସିହାରେ, ରବୀନ୍ଦ୍ରନାଥ ଟାଗୋର ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ମଞ୍ଚ ଉପରେ 'ବନ୍ଦେ ମାତରମ୍' ଗାଇଥିଲେ। ଏହା ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ସାର୍ବଜନୀନ ଭାବରେ ଏହି ଗୀତ ଗାନ କରାଯାଇଥିଲା। ଉପସ୍ଥିତ ହଜାର ହଜାର ଲୋକ କାନ୍ଦି ପକାଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମୟରେ, 'ବନ୍ଦେ ମାତରମ୍' ଭାରତକୁ ଉପନିବେଶବାଦୀ ଶାସନରୁ ମୁକ୍ତ କରିବା ପାଇଁ ଲଢୁଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ଲୋଗାନରେ ପରିଣତ ହୋଇଥିଲା। ପ୍ରକାଶ, କେନ୍ଦ୍ର ସରକାର ବର୍ତ୍ତମାନ ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ପାଳନ କରୁଥିବା ବେଳେ ଏହାକୁ ନେଇ ଏକ ନୂଆ ନିୟମ ଲାଗୁ କରିଛନ୍ତି। ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ, ୭୭ତମ ଗଣତନ୍ତ୍ର ଦିବସର ମୁଖ୍ୟ ପରେଡର ବିଷୟବସ୍ତୁ 'ବନ୍ଦେ ମାତରମ୍' ଥିଲା। ପରେଡ ସମୟରେ ଏକ 'ବନ୍ଦେ ମାତରମ୍' ସାରଣୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଜାତୀୟ ଗୀତ ଗାନ ସମ୍ପର୍କରେ ବିସ୍ତୃତ ପ୍ରୋଟୋକଲ୍ ଜାରି କରାଯିବା ଦେଶରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି।

# ମୋରାନ୍ ରାଜପଥରେ ଓହ୍ଲାଇଲା ସି-୧୩୦

## ଇତିହାସ ରଚିଲେ ପ୍ରଧାନମନ୍ତ୍ରୀ ମୋଦୀ




ଗୁଆହାଟୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନିକିଆ ଆସାମ ଗସ୍ତରେ ଯାଇ ସେଠାରେ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରଥମେ ଚାବୁଆ ଏୟାରଫିଲ୍ଡରେ ପହଞ୍ଚିଥିଲେ। ପରେ ସେ ବାୟୁସେନାର ସି-୧୩୦ ବିମାନ ଯୋଗେ ଡିବ୍ରୁଗଡ଼ ଅଭିମୁଖେ ବାହାରିଥିଲେ। ବାୟୁସେନାର ଏହି ବିମାନଟି ମୋରାନ ବାଇପାସ୍ ହାଇୱେରେ ଜରୁରୀକାଳୀନ ଅବତରଣ ସୁବିଧା (ଇଏଲଏଫ୍)ରେ ଅବତରଣ କରିଥିଲା। ତେବେ କୌଣସି ରାଜମାର୍ଗରେ ବିମାନ ଅବତରଣ କରିବାରେ ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଏକ ଇତିହାସ ସୃଷ୍ଟି କରିଛନ୍ତି। ମୋଦୀ ଏହି ସ୍ୱତନ୍ତ୍ର ଭାବେ ନିର୍ମିତ ଇଏଲଏଫ୍‌କୁ ବୁଲି ଦେଖିଥିଲେ। ଏହି ଏୟାରଷ୍ଟ୍ରିପ୍ ସାମରିକ ରଣନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଅଞ୍ଚଳ ଚୀନ ସୀମାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଅବସ୍ଥିତ। ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ, ରାଫେଲ ଏବଂ ସୁଖୋଇ ସମେତ ୧୬ ଟି ଲଢୁଆ ବିମାନ ମୋରାନ ରାଜପଥରେ ଏକ ଆକାଶପଥ ପ୍ରଦର୍ଶନ କରିଥିଲେ। ଏହି ସମୟରେ, ବିମାନ ରାଜପଥରୁ ହିଁ ଅବତରଣ ଏବଂ ଉଡ଼ାଣ ପ୍ରଦର୍ଶନ କରିଥିଲା। ଡେମୋ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ପରେ ପରେ ପ୍ରଧାନମନ୍ତ୍ରୀ ବ୍ରହ୍ମପୁତ୍ର ନଦୀ ଉପରେ କୁମାର ଭାସ୍କର ବର୍ମନ ସେତୁ ଏବଂ ଆଇଆଇଏମ୍ ଗୁଆହାଟୀର ଏକ ଅସ୍ଥାୟୀ କ୍ୟାମ୍ପସକୁ ମଧ୍ୟ ଉଦଘାଟନ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆସାମର କାମରୂପ ଜିଲ୍ଲାର ଅମିନଗାଓଁରେ ଉତ୍ତର-ପୂର୍ବାଞ୍ଚଳ ପାଇଁ ଜାତୀୟ ଡାଟା ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ ଡାଟା ସେଣ୍ଟର ବିଭିନ୍ନ ସରକାରୀ ବିଭାଗର ମିଶନ-କ୍ରିଟିକାଲ୍ ପ୍ରୟୋଗଗୁଡ଼ିକୁ କାର୍ଯ୍ୟକାରୀ କରିବ ଏବଂ ଅନ୍ୟ ଜାତୀୟ ଡାଟା ସେଣ୍ଟର ପାଇଁ ଏକ ବିପର୍ଯ୍ୟୟ ପୁନରୁଦ୍ଧାର କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରିବ। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଗୁଆହାଟୀ (୧୦୦), ନାଗପୁର (୫୦), ଭାବନଗର (୫୦) ଏବଂ ଚଣ୍ଡିଗଡ଼ (୨୫) ରେ ପିଏମ୍ ଇ-ବସ୍ ସେବା ଯୋଜନା ଅଧୀନରେ ୨୨୫ ଟି ଇଲେକ୍ଟ୍ରିକ୍ ବସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପ୍ରକାଶ, ଗତ ତିନି ମାସରେ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ଆସାମକୁ ତୃତୀୟ ଗସ୍ତ। ଏହି ବର୍ଷ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ୨୦୧୬ ମସିହାରୁ ରାଜ୍ୟରେ ଏନଡିଏ ସରକାର ଲଗାତାର ୨ ଥର କ୍ଷମତାରେ ଅଛି। ଏହା ପୂର୍ବରୁ ୨୦୦୧ ରୁ ୨୦୧୬ ପର୍ଯ୍ୟନ୍ତ କଂଗ୍ରେସ ସରକାର କ୍ଷମତାରେ ଥିଲା।

ମୋଦୀ ଗୁଆହାଟୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ବିରୋଧୀ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ମୋଦୀ କହିଛନ୍ତି, କଂଗ୍ରେସ ଦେଶକୁ ବିଭାଜିତ କରିବାକୁ ଚାହୁଁଛି, ଯେଉଁମାନେ ନକାରାତ୍ମକ ଚିନ୍ତା କରନ୍ତି ସେମାନଙ୍କୁ ଏହା ନିଜ କାନ୍ଧରେ ବସାଇଥାଏ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବଜେଟ୍ ଉତ୍ତର-ପୂର୍ବକୁ ଆର୍ଥିକ ଭାବରେ ଆତ୍ମନିର୍ଭରଶୀଳ କରିବା ଉପରେ ବିଶେଷ ଧ୍ୟାନ ଦେଉଛି। ଏଥର ଆସାମ ପ୍ରାୟ ୫୦ହଜାର କୋଟି ଟଙ୍କା ଟିକସ ରାଜସ୍ୱ ପାଇବ। ମୋଦୀ ଏହି ଅବସରରେ ଆସାମରେ ଡବଲ୍ ଇଞ୍ଜିନ୍ ସରକାରଙ୍କ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ମଧ୍ୟ କହିଛନ୍ତି। ମୋଦୀଙ୍କ କହିବାନୁସାରେ ବିଜେପି ସରକାର ୧୦ ବର୍ଷ ମଧ୍ୟରେ ବ୍ରହ୍ମପୁତ୍ର ଉପରେ ପାଞ୍ଚଟି ପ୍ରମୁଖ ସେତୁ ନିର୍ମାଣ କରିଛି। କଂଗ୍ରେସ ସରକାରଙ୍କ ୭୦ ବର୍ଷର ଶାସନ କାଳରେ, କେବଳ ତିନୋଟି ସେତୁ ନିର୍ମାଣ ହୋଇଛି। ଏହା ଦର୍ଶାଉଛି ଯେ କଂଗ୍ରେସ ଆସାମକୁ ସମସ୍ୟା ଦେଇଥିଲା, ଏବଂ ଆମେ ସମାଧାନ ପ୍ରଦାନ କରିଥିଲୁ। ଗତ ୧୨ ବର୍ଷ ମଧ୍ୟରେ, ଯେତେବେଳେ ବି ଏକ ନୂତନ ପଦକ୍ଷେପ ଆରମ୍ଭ ହୋଇଥିଲା, ଉତ୍ତର-ପୂର୍ବକୁ ଏଥିରୁ ଲାଭ ମିଳିଥିଲା। ବନ୍ଦେ ଭାରତ ଆରମ୍ଭ ସହିତ, ଆସାମ ଉତ୍ତର-ପୂର୍ବ ସହିତ ଯୋଡ଼ି ହୋଇଗଲା। ଆସାମରେ ମଧ୍ୟ ନିଦ୍ରାଭଙ୍ଗ ବନ୍ଦେ ଭାରତ ଆରମ୍ଭ ହୋଇଥିଲା। ଆସାମବାସୀଙ୍କ ଭୋଟ ଯୋଗୁଁ ଏଠାରେ ଲକ୍ଷ ଲକ୍ଷ ପରିବାର ପାଇଁ ଘର ନିର୍ମାଣ ହୋଇଥିଲା। ଶୌଚାଳୟ ନିର୍ମାଣ ହୋଇଥିଲା। ସେମାନଙ୍କ ଘରେ ପାନୀୟ ଜଳ ପହଞ୍ଚିଥିଲା।

# ସେନା ପାଇଁ ଯାହା କରିବାକୁ ହେବ କରିବୁ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ଚଳିତ ବର୍ଷ ସବୁଠୁ ବଡ଼ ପ୍ରତିରକ୍ଷା ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ୭.୮୫ ଲକ୍ଷ କୋଟି ଟଙ୍କା ଆବଣ୍ଟିତ କରାଯାଇଛି, ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୫ ପ୍ରତିଶତ ଅଧିକ। ସରକାରଙ୍କ ଅନୁସାରେ ପ୍ରତିରକ୍ଷା କ୍ଷେତ୍ରରେ ଏ ବୃଦ୍ଧି ସାଧାରଣ ନୁହେଁ, ବରଂ ସୁରକ୍ଷା ଏବଂ ସେନାର ଆଧନିକୀକରଣର ଅଂଶବିଶେଷ। ଆଧୁନିକୀକରଣ ଉପରେ କେନ୍ଦ୍ରର ବିଶେଷ ଧ୍ୟାନ ରହିଛି। ବଜେଟ୍ ତଥ୍ୟ ଅନୁସାରେ ଆଧୁନିକୀକରଣ ପାଇଁ ୧.୮୫ ଲକ୍ଷ କୋଟି ଟଙ୍କା ରଖାଯାଇଛି, ଯାହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ। ତିନି ସେନାର ଖର୍ଚ୍ଚ ପାଇଁ ପ୍ରାୟ ୨.୨୦ ଲକ୍ଷ କୋଟି ଟଙ୍କା ନିର୍ଦ୍ଧାରିତ କରାଯାଇଛି। ସବୁଠୁ ଖାସ୍ ବିଷୟ ହେଉଛି ଏହି ରାଶିର ୭୫ ପ୍ରତିଶତ ଘରୋଇ ପ୍ରତିରକ୍ଷା ଉଦ୍ୟୋଗ ପାଇଁ ସୁରକ୍ଷିତ ରଖାଯାଇଛି।

ନ୍ୟୁଜ୍ ଏଜେନ୍ସି ପିଟିଆଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ସ୍ୱତନ୍ତ୍ର ସାକ୍ଷାତକାର ନେଇଛି। ଏହି ଅବସରରେ ତାଙ୍କୁ ବଜେଟ୍, ୟୁରୋପୀୟ ସଂଘ (ଇୟୁ) ଏବଂ ଆମେରିକା ସମେତ ବିଭିନ୍ନ ଦେଶ ସହିତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫ୍‌ଟିଏ) ସମେତ ବିଭିନ୍ନ ବିଷୟରେ ପ୍ରଶ୍ନ କରାଯାଇଥିଲା। 'ବଜେଟ୍‌ରେ ଚଳିତ ବର୍ଷ ପ୍ରତିରକ୍ଷା କ୍ଷେତ୍ରରେ ବହୁ ବୃଦ୍ଧି ହୋଇଛି। ଏହା କ'ଣ ଅପରେସନ୍ ସିନ୍ଦୂରର ସଫଳତା ଏବଂ ସେଥିରୁ ମିଳିଥିବା ଶିକ୍ଷାର କାରଣ? ଏହା କ'ଣ ଆମ ପଡୋଶୀଙ୍କ ପ୍ରତି ଲଗାତାର ଅବିଶ୍ୱାସର ସଙ୍କେତ? ଏବଂ ପାକିସ୍ତାନ ସହ ଆଉ ଏକ ଯୁଦ୍ଧର ବିପଦ କେତେ ବାସ୍ତବିକ? ପିଟିଆଇର ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମ ସରକାର ପ୍ରଥମ ଦିନରୁ ହିଁ ଏହା ସ୍ପଷ୍ଟ କରିସାରିଛି ଯେ ଆମକୁ ସେନା ପାଇଁ ଯାହା ବି କରିବାକୁ ହେବ, ତାହା କରିବୁ। ହିଁ ଚଳିତ ବର୍ଷ ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ବୃଦ୍ଧି କରାଯାଇଛି। ଏହା ଏକ ବ୍ୟାପକ ଦୃଷ୍ଟିକୋଣର ଅଂଶବିଶେଷ, ଯାହା ଆମ ସରକାରର ନୀତି ଏବଂ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ଗତ ଚାରି ଦଶକ ଧରି ପଡ଼ିରହିଥିବା ଦାବି ଅର୍ଥାତ୍ ଓଆର୍‌ଓପି (ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ୍)କୁ ପୂରା କରିବା ମଧ୍ୟ ଏହି ସରକାରର ଉପଲବ୍ଧି। ଏଥିରୁ ସ୍ପଷ୍ଟ ହେଉଛି ସରକାର କେବଳ ପ୍ରତିରକ୍ଷା ବଜେଟ୍ ବୃଦ୍ଧି କରିବାରେ ସଙ୍କୋଚ କରୁନାହାନ୍ତି, ବରଂ ସେନାର ଭେଟେରାନ୍‌ଙ୍କୁ ଉଚିତ ସମ୍ମାନ ଏବଂ ସୁବିଧା ଯୋଗାଇ ଦେବା ପାଇଁ ମଧ୍ୟ କାର୍ଯ୍ୟରତ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅପରେସନ୍ ସିନ୍ଦୂର ସାରା ଦେଶକୁ ଗର୍ବିତ କରିଛି। ଏହି ଅପରେସନ୍‌ରେ ଆମର ସଶସ୍ତ୍ର ବଳ ଯେଉଁ ସାହସ ଏବଂ ସମର୍ପଣ ଦେଖାଇଛି, ତାହା ପ୍ରଶଂସନୀୟ। ଏହି ଅପରେସନ୍ କେବଳ ଆମ ସେନ୍ୟ କ୍ଷମତାକୁ ଦେଖାଉ ନାହିଁ, ବରଂ ଗତ ଦଶକରେ ଆମ ଦ୍ୱାରା କରାଯାଇଥିବା ପ୍ରତିରକ୍ଷା ସୁଧାରର ପ୍ରମାଣ ମଧ୍ୟ। ସେ କହିଛନ୍ତି, ଗତ ଦଶବର୍ଷରେ ପ୍ରତିରକ୍ଷା କ୍ଷେତ୍ରରେ ଯେଉଁ ସୁଧାରକୁ ଲାଗୁ କରାଯାଇଛି, ତାହାର ମହତ୍ତ୍ୱ ଅପରେସନ୍ ସିନ୍ଦୂର ଅବସରରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ଆଧୁନିକ ଅସ୍ତ୍ରଶସ୍ତ୍ର ସିଷ୍ଟମ୍, ଉନ୍ନତ ରଣନୈତିକ ପ୍ରସ୍ତୁତି ଏବଂ ଟେକ୍ନୋଲୋଜିକାଲ୍ ଅପ୍‌ଗ୍ରେଡେସନ୍ ଆମ ସୈନିକଙ୍କୁ ଶକ୍ତିଶାଳୀ କରିଛି। ଏହି ପ୍ରକ୍ରିୟାରେ ପ୍ରତିରକ୍ଷା ବଜେଟ୍‌ରେ ଲଗଲତାର ବୃଦ୍ଧି ଏବଂ ଆଧୁନିକୀକରଣ ପଦକ୍ଷେପ ପ୍ରମୁଖ ରହିଛି। ଏହାକୁ ଆମେ କୌଣସି ଏକ ଖାସ୍ ଘଟଣା କିମ୍ବା ପ୍ରସଙ୍ଗରେ ସୀମିତ ରଖିବା ଜରୁରୀ ନୁହେଁ।

# ବ୍ରହ୍ମପୁତ୍ର ନଦୀ ତଳେ ନିର୍ମାଣ ହେବ ଟନେଲ୍

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ୍ ୧,୬୦,୫୦୪ କୋଟି ଟଙ୍କା ବ୍ୟୟବରାଦିତ ପ୍ରାୟ ୧୦ଟି ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରେ ଆସାମରେ ଗୋହପୁର (ଏନ୍‌ଏଚ୍-୧୫) ଏବଂ ନୁମାଲିଗଡ଼ (ଏନ୍‌ଏଚ୍-୭୧୫) ମଧ୍ୟରେ ପ୍ରବାହିତ ବ୍ରହ୍ମପୁତ୍ର ନଦୀ ତଳେ ଏକ ଟନେଲ୍ ନିର୍ମାଣ କରାଯିବା ଭଳି ପ୍ରସ୍ତାବ ମଧ୍ୟ ସାମିଲ ରହିଛି। ଏହା ଦେଶର ପ୍ରଥମ ତଥା ବିଶ୍ୱର ଦ୍ୱିତୀୟ ସମୁଦ୍ର ତଳ ଟନେଲ୍ ପ୍ରକଳ୍ପ ହେବ ଯାହାକି ରାସ୍ତା ତଥା ରେଳ ଟ୍ରାକ୍ ବିଶିଷ୍ଟ ଚାରି ଲେନ୍ ହେବ। ସିଧାସଳଖ କହିଲେ ଏହି ପ୍ରକଳ୍ପ ଅନ୍ତର୍ଗତ ସମୁଦ୍ର ତଳେ ଯେଉଁ ଟନେଲ୍ ନିର୍ମାଣ କରାଯିବ ସେଥିମଧ୍ୟରେ ୨ ଲେନ୍‌ର ରେଳ ଟ୍ରାକ୍ ବିଛାଯିବ ଏବଂ ଅନ୍ୟାନ୍ୟ ଯାନବାହାନ ଚଳାଚଳ ପାଇଁ ବାକି ୨ ଲେନ୍‌ର ରାସ୍ତା ରହିବ। ଏହାଦ୍ୱାରା ଏହି ଟନେଲ୍ ମଧ୍ୟ ଦେଇ ଏକାସଙ୍ଗେ ଉଭୟ ରେଳ ଚଳାଚଳ ଏବଂ ବାକି ଅନ୍ୟାନ୍ୟ ଯାନବାହାନ ମଧ୍ୟ ଚଳାଚଳ କରିବା ସମ୍ଭବ ହୋଇପାରିବ। ଏପ୍ରକାର ଏକ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନଫିଲ୍ଡ କରିଡରକୁ ଆଜି କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ୧୫.୭୯ କିଲୋମିଟର ଲମ୍ବ ଏହି ଟନେଲ୍ ପ୍ରକଳ୍ପ ପାଇଁ ମୋଟ୍ ୧୮,୬୬୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପକୁ ଇଞ୍ଜିନିୟରିଂ-ପ୍ରୋକ୍ୟୁରମେଣ୍ଟ-ନିର୍ମାଣ (ଇପିସି) ମଡେଲରେ ବିକଶିତ କରାଯିବ। ବର୍ତ୍ତମାନ, ନୁମାଲିଗଡ଼ ଏବଂ ଗୋହପୁର ମଧ୍ୟରେ ପ୍ରାୟ ୨୪୦ କିଲୋମିଟର ଦୂରତା ଯାହାକୁ ଅତିକ୍ରମ କରିବା ପାଇଁ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗୁଛି ଏହି ପ୍ରକଳ୍ପ ଶେଷ ହେବା ପରେ ଏହି ସମୟ ୨୦ ମିନିଟ୍‌କୁ ହ୍ରାସ ପାଇବ। କ୍ୟାବିନେଟ୍ ନିଜ ଦ୍ୱିତୀୟ ନିଷ୍ପତ୍ତି କ୍ରମେ ୧୧.୫୬ କିଲୋମିଟର ନୋଏଡା ମେଟ୍ରୋ ସମ୍ପ୍ରସାରଣ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରି ଦେଇଛି। ନୋଏଡା ମେଟ୍ରୋ ରେଳ ପ୍ରକଳ୍ପ ଅଧୀନରେ ସେକ୍ଟର ୧୪୨ରୁ ବୋଟାନିକାଲ୍ ଗାର୍ଡେନ୍ ପର୍ଯ୍ୟନ୍ତ ଏହି ଏକ୍ସଟେନ୍ସନ୍ କରିଡରକୁ ମଞ୍ଜୁରି ମିଳିଛି। ଏହି ପ୍ରକଳ୍ପରେ ୮ଟି ଉଚ୍ଚ ଷ୍ଟେସନ ଅନ୍ତର୍ଭୁକ୍ତ ହେବ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ, ନୋଏଡା-ଗ୍ରେଟର୍ ନୋଏଡା ମେଟ୍ରୋ ନେଟୱାର୍କ ୬୧.୬୨ କିଲୋମିଟର ଲମ୍ବା ହେବ। ଏହା ବଟାନିକାଲ୍ ଗାର୍ଡେନରେ ବ୍ଲୁ ଲାଇନ୍ ଏବଂ ମାଜେଣ୍ଟା ଲାଇନ୍ ସହିତ ଆଦାନପ୍ରଦାନକୁ ସହଜ କରିବ।

ଜାତୀୟ ଚେତନା
JATIYA CHETANA



## ଟେକ୍ସଟାଇଲ୍ ପାର୍କ ଓ ଡାଟା ସେଣ୍ଟର୍‌ର ଶିଳାନ୍ୟାସ

# କେନ୍ଦୁଝର ହେବ ଅଭିବୃଦ୍ଧିର କେନ୍ଦ୍ର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଜା.ପ୍ର): କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଓ ଡାଟା ସେଣ୍ଟରର ଶିଳାନ୍ୟାସ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏହି ଶିଳାନ୍ୟାସ କରି କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ିବାବା ସହ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି।

ସୂଚନା ଥାଉ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲକୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ। ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନ୍‌କ୍ଲେଭ୍ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩,୦୦୦ ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହିତ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁର ଠାରେ ମଧ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ଟଙ୍କା ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ତଥ୍ୟର ଯୁଗ। ଆମର ସରକାର ଅନଲାଇନରେ ୪୦୦ ରୁ ଅଧିକ ସେବା ପ୍ରଦାନ କରେ। ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧,୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ବିଧାୟକ ଅଖିଳ ନାଏକ, ଡଃ ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ଓକାକ ସିଇଓ ପ୍ରଦୀପ କୁମାର ରାଉତ, ହିଂଡ଼ାଲକୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ ନାଗରିକ ଯୋଗ ଦେଇଥିଲେ।

## ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପରିବହନ ପ୍ରକଳ୍ପର ସମୀକ୍ଷା: ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ




ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରି ପ୍ରମୁଖ ବିମାନ ଚଳାଚଳ ଏବଂ ପରିବହନ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀ ରାଜପୁତ ଉତ୍କେଲା ବିମାନବନ୍ଦର, ଜୟପୁର ବିମାନବନ୍ଦର ସମେତ ନବରଙ୍ଗପୁର ଓ ଭବାନୀପାଟଣାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଉତ୍କେଲା ବିମାନବନ୍ଦରରେ ସେ ବିମାନ ଚଳାଚଳ ପାଇଁ ପ୍ରସ୍ତୁତି, ଯାତ୍ରୀଙ୍କ ପାଇଁ ଥିବା ସୁବିଧା ଏବଂ ରନ୍‌-ୱେ ସମ୍ପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। କେବିକେ ଅଞ୍ଚଳରେ ଆକାଶପଥରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ସେହିପରି ଜୟପୁର ବିମାନବନ୍ଦର ଗସ୍ତ କରି ଶ୍ରୀ ରାଜପୁତ ସେଠାକାର ଭିତ୍ତିଭୂମି ବିକାଶ, ସୁରକ୍ଷା ବ୍ୟବସ୍ଥା ଓ ଯାତ୍ରୀ ସେବାର ତଦାରଖ କରିବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କୁ ଶସ୍ତା ଏବଂ ନିର୍ଭରଯୋଗ୍ୟ ବିମାନ ସେବା ଯୋଗାଇ ଦେବା ପାଇଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ସେବା ବ୍ୟତୀତ ସଡ଼କ ପରିବହନରେ ସଂସ୍କାର ଆଣିବା ଲକ୍ଷ୍ୟରେ ପ୍ରମୁଖ ଶାସନ ସଚିବ ଭବାନୀପାଟଣାସ୍ଥିତ ଓଏସ୍‌ଆର୍‌ଟିସି ଡିପୋ ଓ ବସଷ୍ଟାଣ୍ଡ ସମେତ ନବରଙ୍ଗପୁରରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାର ସମୀକ୍ଷା କରିଥିଲେ। ବସଷ୍ଟାଣ୍ଡଗୁଡ଼ିକରେ ସ୍ୱଚ୍ଛତା, ଡିଜିଟାଲ୍ ଟିକେଟିଂ ଓ ବସ ଚଳାଚଳର ସଠିକ୍ ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବା ସହ ଦୂରଦୂରାନ୍ତ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ବିଶେଷ ରୂପେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ରାଜସ୍ୱ ଆଦାୟ ସ୍ଥିତିର ଅନୁଧ୍ୟାନ କରିବା ସହ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଡିଜିଟାଲ୍ ପ୍ରଣାଳୀର ବ୍ୟାପକ ଉପଯୋଗ ଓ ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସେ କହିଛନ୍ତି।

# ଆଇଏଏସ୍ ଅଫିସର୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,(ଜା.ପ୍ର): ସପ୍ତାହକ ବ୍ୟବଧାନରେ ରାଜ୍ୟ ସରକାର ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଦୁଇଟି ବିଭାଗରେ ନୂଆ ସଚିବଙ୍କୁ ନିଯୁକ୍ତି ଦେବା ସହ ଆବୋଲି ସୁନୀଲ ନରୱ୍ୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ୨୦୦୮ ବ୍ୟାଚ୍ ଆଇଏଏସ୍ ଭୂପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି ।ସେ ଦାୟିତ୍ୱ ଗ୍ରହଣ କରିବା ପରେ କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କର କ୍ରୀଡ଼ା ବିଭାଗରୁ ଅତିରିକ୍ତ ଦାୟିତ୍ୱ ସମାପ୍ତ ହେବ। ସେହିପରି ୨୦୧୦ ବ୍ୟାଚ୍ ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ମିଳିଛି। ଗତ ସପ୍ତାହରେ ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଥିଲା। ମାତ୍ର ଏହି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ଆଜି ଏମ୍‌ଏସ୍‌ଏମ୍‌ଇ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ତାଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ଅଧ୍ୟକ୍ଷା ତଥା ସିଇଓ ସହ ଓରସାକ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ୨୦୦୯ ବ୍ୟାଚ୍ ଆଇଏଏସ୍ ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କଠୁ ଏମ୍‌ଏସ୍‌ଏମ୍‌ଇ ବିଭାଗର ସଚିବ ଦାୟିତ୍ୱ କାଢ଼ି ନିଆଯାଇଛି। ତାଙ୍କୁ ଇଡ଼କୋ ପରିଚାଳନା ନିର୍ଦ୍ଦେଶକ ଭାବେ ପୂର୍ଣ୍ଣକାଳୀନ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ଏମ୍‌ଏସ୍‌ଏମ୍‌ଇ ସଚିବ ସହ ଅତିରିକ୍ତ ଭାବେ ଇଡକୋ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ।

ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ସେଣ୍ଟର ଫର ମଡର୍ଣ୍ଣାଇଜେସନ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ(ସିଏମଜିଆଇ), ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ଆବାହକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ୨୦୧୫ ବ୍ୟାଚ୍ ଆଇଏଏସ୍ ଆବୋଲି ସୁନୀଲ ନରୱ୍ୱଣେଙ୍କୁ ଇପିକଲ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେ ପୂର୍ବଭଳି ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଓ ଓଡ଼ିଶା ଅର୍ଥ ନିଗମର ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

# ୨୦୩୬ ଅଲିମ୍ପିକ୍ସ ପାଇଁ ୨୦୨୬ରୁ ପ୍ରୟାସ ଆରମ୍ଭ: କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,(ଜା.ପ୍ର): ମାରାଥନ କେବଳ ଏକ ଦୌଡ଼ ନୁହେଁ, ବରଂ ଏହା ଏକ ଦୃଢ ସଂକଳ୍ପ। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ, ଆମକୁ ୨୦୨୬ରୁ ହିଁ ଏପରି ପ୍ରୟାସ କରିବାକୁ ହେବ ଯେପରି ସମ୍ବଲପୁର ଏବଂ ଓଡ଼ିଶାର ପ୍ରତିଭାବାନ ପିଲାମାନେ ବିଶ୍ୱସ୍ତରରେ ମେଡାଲ ଜିତିବେ। ରବିବାର ସମ୍ବଲପୁରର ଐତିହାସିକ ହୀରାକୁଦ ଠାରେ 'ଏମସିଏଲ୍ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍ – ୨୦୨୬'ର ଉଦ୍‌ଘାଟନ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ହୀରାକୁଦର ସୁଉଚ୍ଚ ମାଟି ବନ୍ଧ ଉପରେ ଆୟୋଜିତ ଏହି ଭବ୍ୟ ମାରାଥନରେ ଚଳିତ ବର୍ଷ ଦେଶ-ବିଦେଶର ୧୦ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ଯୁବସାଥୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଦେଶରୁ ହଜାର ହଜାର ପ୍ରତିଭାବାନ ଧାବକ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାକୁ ମୁଖ୍ୟତଃ ୨୧ କିମି, ୧୦ କିମି, ୫ କିମି ଏବଂ ୧.୫ କିମି ଭଳି ଚାରୋଟି ଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲା। ହୀରାକୁଦର ମନୋରମ ପରିବେଶ ମଧ୍ୟରେ ଆୟୋଜିତ ଏହି ଦୌଡ଼ ସମ୍ବଲପୁରର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବିଶେଷ କରି ଇଥିଓପିଆ ଏବଂ ନାଇଜେରିଆ ଭଳି ଦେଶରୁ ଅନ୍ତର୍ଜାତୀୟ ଖେଳାଳିମାନେ ମଧ୍ୟ ଏଥିରେ ଯୋଗଦେଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏହାକୁ ଆଗାମୀ ଦିନରେ ଜାରି ରଖିବା ପାଇଁ ଯୋଜନା କରାଯିବ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ'ର ଆହ୍ୱାନକୁ ଆଜିର ଏହି ମାରାଥନ୍ ସାର୍ଥକ କରୁଛି। ଏହି ଭବ୍ୟ ଆୟୋଜନ ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ଏବଂ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ ସାଜିବ। ସମ୍ବଲପୁରର ପରିଚୟ ଆଜି କେବଳ କୃଷିରେ ସୀମିତ ନାହିଁ; ଏହା କୃଷିରୁ ସଂସ୍କୃତି ଏବଂ ପର୍ଯ୍ୟଟନରୁ କ୍ରୀଡ଼ା କ୍ଷେତ୍ରକୁ ବ୍ୟାପିବାରେ ଲାଗିଛି। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଏହି ପ୍ରୟାସ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସମ୍ମାନକୁ ଆହୁରି ମଜବୁତ୍ କରିବ। ଶେଷରେ ସେ କହିଛନ୍ତି ଯେ ଭାରତ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରୁଥିବା ବେଳେ, ୨୦୨୬ରୁ ହିଁ ଓଡ଼ିଶାର ପ୍ରତିଭାବାନ ପିଲାମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ।

ଉଲ୍ଲେଖନୀୟ ଯେ, ଏହି ମାରାଥନରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରତିଯୋଗୀମାନେ ସାମିଲ ହୋଇଥିଲେ। ରାଜ୍ୟ ବାହାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ଛତିଶଗଡ଼, ବିହାର, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ହରିୟାଣା, ରାଜସ୍ଥାନ, ମଧ୍ୟ ପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ, ଆସାମ, ଉତ୍ତରାଖଣ୍ଡ, କେରଳ, ତାମିଲନାଡୁ, ମେଘାଳୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଜମ୍ମୁ ଓ କାଶ୍ମୀରର ଧାବକ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ଆନ୍ତର୍ଜାତୀୟ ସ୍ତରରେ ଏହି ମାରାଥନର ଦୃଶ୍ୟପଟ୍ଟ ବେଶ୍ ପ୍ରଭାବଶାଳୀ ରହିଥିଲା, ଯେଉଁଥିରେ କେନିଆ, ଇଥିଓପିଆ, ନାଇଜେରିଆ, ନେପାଳ, ଶ୍ରୀଲଙ୍କା, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ ଏବଂ ସିରିଆ ଭଳି ବିଦେଶୀ ରାଷ୍ଟ୍ରର ଧାବକମାନେ ଅଂଶଗ୍ରହଣ କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ଶ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାୟକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ପଦ୍ମଶ୍ରୀ ବିଜେତା ଏବଂ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ହୀରାକୁଦର ମହାନଦୀରେ ବୋଟିଂ କରିଥିଲେ।

ଜାତୀୟ ଚେତନା
JATIYA CHETANA

# ଦେଶଭକ୍ତି ଚିନ୍ତା

ଆମ ଦେଶରେ ଜାତୀୟତାବାଦର ଅତ୍ୟଧିକ ଚାହିଦା ରହିଛି, ହେଲେ ସବୁବେଳେ ଏଠାରେ ଏହାର ଅଭାବ ଥିବା ମନେହୁଏ। ମୋ ଜୀବନରେ ଅତିବାହିତ ସବୁ ଦଶନ୍ଧିରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ସହ ଟ୍ୟାଗ ବା ଯୋଡ଼ିବା ପାଇଁ କୌଣସି ଦାବି ହୋଇଥିବା ମୁଁ ଜାଣି ନ ଥିଲି। କିନ୍ତୁ ଏବେ ଏହା ହେବା ଉଚିତ ବୋଲି ଆମକୁ କୁହାଯାଉଛି। ଏହି ଗୀତର ଛଅଟି ପଦ ଅଛି ଏବଂ ଆମ ମଧ୍ୟରୁ ଯେଉଁମାନେ ଜାଣିନାହାନ୍ତି ଏବେ ସେମାନଙ୍କୁ ଏହା ମନେରଖିବାକୁ ପଡ଼ିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି, ବନ୍ଦେ ମାତରମ୍ ଗୀତର ଆବୃତ୍ତି ୩ ମିନିଟ୍ ୧୦ ସେକେଣ୍ଡ ହେବା ଆବଶ୍ୟକ। ହେଲେ ଏହାକୁ ଗାଇବା ସ୍ୱେଚ୍ଛାକୃତ ନା ବାଧ୍ୟତାମୂଳକ ତାହା ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇ ନାହିଁ। ଏହି ଦ୍ୱନ୍ଦ୍ୱ ନିର୍ଦ୍ଦେଶର ଶବ୍ଦାବଳୀରୁ ସାମ୍ନାକୁ ଆସିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆମକୁ କହେ, ସରକାରୀ ଭାବେ ଜାତୀୟ ଗୀତର ବାଦନ ପରିବର୍ତ୍ତେ କେଉଁ ସ୍ଥିତିରେ ଗାନ କରିବାକୁ ଅନୁମତି ଦିଆଯାଇପାରିବ ତାହାର ଏକ ସମ୍ପୂର୍ଣ୍ଣ ତାଲିକା ଦେବା ସମ୍ଭବ ନୁହେଁ। କିନ୍ତୁ ଏହା ଆଉ ଦର୍ଶାଇଛି, ଉପଯୁକ୍ତ ସମ୍ମାନ ସହିତ ଏହା କରାଗଲେ ଗାନରେ କୌଣସି ଆପତ୍ତି ନାହିଁ। ତେବେ ଉପଯୁକ୍ତ ସମ୍ମାନ କ'ଣ ସେ ବିଷୟରେ କୌଣସି ନିର୍ଦ୍ଦେଶାବଳୀ ନାହିଁ। କିନ୍ତୁ ନିଃସନ୍ଦେହ ଯେ, କ'ଣ ଉଲ୍ଲଂଘନ ହେବ ତାହା ଆମେ ଶୀଘ୍ର ଜାଣିପାରିବୁ। ତେବେ ଉଲ୍ଲଂଘନ କିଭଳି ନ ହେବ ସେଥିପାଇଁ ଆମମାନଙ୍କ ମଧ୍ୟରେ ଯେଉଁମାନେ ଅଧିକ ଜାତୀୟତାବାଦୀ ଭାବନା ରଖିଛନ୍ତି, ସେମାନେ ଏଭଳି ବିଚାର ନ ଥିବା ଲୋକଙ୍କୁ ଶିକ୍ଷା ଦେବେ। ଗୀତ ଗାନ କରିବା ସ୍ୱେଚ୍ଛାକୃତ କି ନୁହେଁ ତାହା ଅସ୍ପଷ୍ଟ। ମୋର ଏଭଳି କହିବାର କାରଣ ହେଉଛି ଆଦେଶରେ ଉଲ୍ଲେଖ ରହିଛି ଯେ, ସମ୍ପୂର୍ଣ୍ଣ ଭାବରେ ଆନୁଷ୍ଠାନିକ ହୋଇ ନ ଥିଲେ ବି ଜାତୀୟ ଗୀତ ଗାନ କରାଯାଇପାରିବ, ଯଦିଓ ମନ୍ତ୍ରୀ ଇତ୍ୟାଦିଙ୍କ ଉପସ୍ଥିତିରେ ଏହାର ଗୁରୁତ୍ୱ ଅଧିକ ରହିବ। ଏହା ମଧ୍ୟ କୁହାଯାଇଛି, ସାମୂହିକ ସଂଗୀତ ଗାନ ଇଚ୍ଛିତ ବା ବାଞ୍ଛନୀୟ। ଏଠାରେ ନିର୍ଦ୍ଦେଶରେ ଉଲ୍ଲିଖିତ 'ଇତ୍ୟାଦି' ଶବ୍ଦରେ କେଉଁମାନେ ସାମିଲ ଅଛନ୍ତି ଏବଂ କାହାକୁ ବାଦ୍ ? ଦିଆଯାଇଛି ? 'ବାଞ୍ଛନୀୟ'ର ପ୍ରକୃତ ମାନେ କ'ଣ ? ତେବେ 'ଗାନ କରାଯାଇପାରେ' ଏବଂ 'ଇଚ୍ଛିତ' ଶବ୍ଦ ସ୍ୱେଚ୍ଛାକୃତ କାର୍ଯ୍ୟର ସୂଚକ ଏବଂ କେହି ଯଦି ଏହାର ବ୍ୟାଖ୍ୟା କରନ୍ତି ତେବେ ବାସ୍ତବରେ କ'ଣ ଘଟିବ ତାହା ଆମେ ଜାଣିପାରିବା। କିନ୍ତୁ ଶେଷରେ ଏହା ମୂଳ ବିଷୟରୁ ଦୂରେଇ ଯାଇଛି। ମୁଖ୍ୟ କଥା ହେଉଛି, ଆମ ଦେଶରେ ସର୍ବଦା ଜାତୀୟତାର ଅଭାବ ରହିଛି ଏବଂ ଏହି ନିର୍ଦ୍ଦେଶରେ ଅଭାବ ପୂରଣ କରାଯାଇପାରିବ ସରକାର ମନେ କରିଛନ୍ତି। ଏହି ପ୍ରକାର ବିଷୟ ମଧ୍ୟ ଘଟିଥିବା ଇତିହାସ ଆମକୁ କହେ।

୫୦ ବର୍ଷ ପୂର୍ବେ, ୧୯୭୬ରେ, ତତ୍କାଳୀନ ସରକାର ସମ୍ବିଧାନରେ 'ମୌଳିକ କର୍ତ୍ତବ୍ୟ' ଯୋଡ଼ିଥିଲେ। ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବର୍ଗୀୟ ବିବିଧତାର ଉପରକୁ ଉଠି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସମନ୍ୱୟ ଏବଂ ଭାଇଚାରା ଭାବନାକୁ ପ୍ରୋତ୍ସାହିତ କରିବା; ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅପମାନଜନକ ପ୍ରଥାଗୁଡ଼ିକୁ ପରିତ୍ୟାଗ କରିବା ଲାଗି ଏହି କର୍ତ୍ତବ୍ୟଗୁଡ଼ିକ ଉଦ୍ଦିଷ୍ଟ। ଏହା ଘଟିଛି ବୋଲି କିଏ ଅସ୍ୱୀକାର କରିପାରିବେ ? ଯଦି ଏହିସବୁ ନିର୍ଦ୍ଦେଶ ଆମ ପାଖକୁ ଆସି ନ ଥାନ୍ତା, ତେବେ ଭାରତ ଭାଇଚାରା ଏବଂ ମହିଳାମାନଙ୍କ ସୁରକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଉଦାହରଣ ହୋଇପାରି ନ ଥାନ୍ତା। କର୍ତ୍ତବ୍ୟ ତାଲିକାରେ ଅଛି, ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟା ଭାବ ରଖିବା। ଏହାସହ ଏଥିରେ ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧାନ ଏବଂ ସଂସ୍କାରର ଭାବନା ବିକଶିତ କରିବା ମଧ୍ୟ ରହିଛି, ଯାହା ମୋର ପ୍ରିୟ। ଏହି କର୍ତ୍ତବ୍ୟଗୁଡ଼ିକୁ ଯୋଡ଼ା ଯାଇଥିଲା କାରଣ ୧୯୭୬ରେ ଜାତୀୟତାବାଦର ଚାହିଦା ଅଧିକ ଥିଲା ଏବଂ ଅଭାବ ବି ଥିଲା, ଯାହା ବର୍ତ୍ତମାନ ସ୍ଥିତିରେ ଦେଖାଯାଇଛି। ଏବକାର ବ୍ୟବସ୍ଥାର ନିନ୍ଦୁକ ଏବଂ ଘୃଣାକାରୀମାନେ ଯୁକ୍ତି କରିବେ ଯେ, ଦେଶଭକ୍ତି ପ୍ରଦର୍ଶନ କରିବା ଲାଗି ଅନ୍ୟସବୁ ଉପାୟ ଅଛି। ସଙ୍ଗୀତ ଏବଂ ସ୍ଲୋଗାନଗୁଡ଼ିକ ଜାତୀୟ ପ୍ରଗତି ପାଇଁ କମ୍ ଗୁରୁତ୍ୱ ରଖେ। ଯଦି ଆମେ ଟ୍ରାଫିକରେ ଭଲ ବ୍ୟବହାର କରିବା ଏବଂ ଅଳିଆ ନ ପକାଇବା, ତେବେ ଆମେ ଏକ ଜାତି ଭାବରେ ଭଲ ରହିବା। ଜାତୀୟ ଗୀତ ନଦୀ ବିଷୟରେ କହେ ଏବଂ ଏପରି ଏକ ଦେଶର ନାମ ନେବା କଷ୍ଟକର; ଯେଉଁଠାରେ ଏହାର ନଦୀ ପାଣି ଅଧିକ ମଇଳା। ଆମେ ଲାଞ୍ଚ ନ ଦେବା କିମ୍ବା ନ ନେବା କିମ୍ବା କର ଠକିବାକୁ ଚେଷ୍ଟା ନ କରିବା ଦ୍ୱାରା ଆମର ଦେଶଭକ୍ତି ଦେଖାଇପାରିବା ବୋଲି ଯୁକ୍ତି କରିବେ। କିନ୍ତୁ ଆମ ସରକାର ଏବଂ ତାହାର ସମର୍ଥକମାନେ କହିବେ ଯେ, ଏସବୁ ବିଷୟ ଅନ୍ୟସବୁ ଦେଶର ନାଗରିକ କରିପାରିବେ। ଏସବୁ ସ୍ୱତନ୍ତ୍ର ନୁହନ୍ତି। ଆମକୁ ଆମ ଦେଶଭକ୍ତି ଦେଖାଇବା ପାଇଁ କିଛି ଅନନ୍ୟ ଏବଂ ସ୍ୱତନ୍ତ୍ର ବିଷୟ ଆବଶ୍ୟକ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ଆଦେଶ ସତର୍କ କରିଦେଇଛି ଯେ, ଜାତୀୟ ଗୀତ ଔପଚାରିକ ଭାବେ ଗାନ କିମ୍ବା ବାଜିବାବେଳେ ଦର୍ଶକମାନେ ଧ୍ୟାନରେ ଠିଆ ହେବେ। ସମ୍ଭବତଃ ଏହାର ଅର୍ଥ ହେଉଛି ଯେଉଁ ସ୍ଥାନରେ ଗୀତ ବାଜିବ ଦର୍ଶକମାନେ ନିୟମ ପାଳନ କରିବାକୁ ପଡିବ ଏବଂ ସେଠାରେ ଆଉ ଅଂଶଗ୍ରହଣ ସ୍ୱେଚ୍ଛାକୃତ ନୁହେଁ। ଯଦି ଏହା ହୁଏ, ତେବେ ଗୀତ ଏବଂ ସଂଗୀତ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି ? ଆହୁରି ମଧ୍ୟ କିଛି ଅଛି। ସମସ୍ତ ବିଦ୍ୟାଳୟରେ, ଜାତୀୟ ଗୀତ ଗାନ ସହିତ ଦିନର କାର୍ଯ୍ୟ ଆରମ୍ଭ ହୋଇପାରେ। ମୋ ମତରେ ଏହା ଆଗାମୀ ପିଢ଼ିରେ ଦେଶଭକ୍ତିର ସମାନ ସ୍ତର ଜାଗ୍ରତ କରିବା ପାଇଁ ଆବଶ୍ୟକ, ଯେପରି ଆମ ପିଢ଼ି ଏବଂ ଠିକ୍ ? ଆମ ପୂର୍ବ ପିଢ଼ିରେ ଦେଖିବାକୁ ମିଳିଛି। ଏହାର ଅନ୍ୟ ଲାଭ ମଧ୍ୟ ଅଛି। ବେରୋଜଗାରମାନେ ଛଅଟି ପଦ ମନେ ରଖିବା ପାଇଁ ସେମାନଙ୍କ ଫାଙ୍କା ସମୟକୁ ଉପଯୋଗ କରିବେ। ଅଳସୁଆମାନେ ଅତିରିକ୍ତ ୩ ମିନିଟ ୧୦ ସେକେଣ୍ଡ ଠିଆ ହେବେ ଏବଂ ସେମାନଙ୍କର ଫିଟନେସ ଉନ୍ନତ କରିବେ। ଏଥିରେ ଦେଶର ପ୍ରଗତି ହେବ !

# କୃତ୍ରିମ ବୁଦ୍ଧିମତ୍ତା ଦୌଡ଼

ରାଜୀବ ଲୋଚନ ଜେନା



ଜେଫ୍ରି ହିଣ୍ଟନଙ୍କୁ ୨୦୨୪ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଡ଼ମ୍ବନାର ବିଷୟ ହେଉଛି, କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର 'ଗଡ୍‌ଫାଦର' ତାଙ୍କ ନିଜ ସୃଷ୍ଟି ବିରୁଦ୍ଧରେ ଆଶ୍ଚର୍ଯ୍ୟଜନକ ମନ୍ତବ୍ୟ ଦେଇଥିଲେ। ଷ୍ଟକହୋମରେ ନୋବେଲ ପୁରସ୍କାର ଭାଷଣ (୧୦ ଡିସେମ୍ବର ୨୦୨୪)ରେ ହିଣ୍ଟନ କହିଥିଲେ 'ଦୁର୍ଭାଗ୍ୟବଶତଃ, ଏଆଇ'ରେ ଦ୍ରୁତ ପ୍ରଗତି ଅନେକ କ୍ଷଣସ୍ଥାୟୀ ବିପଦ ସହିତ ଆସିଥାଏ। ଏହାକୁ ପୂର୍ବରୁ କ୍ଷମତାଧାରୀ ସରକାରମାନେ ବ୍ୟାପକ ନଜର ରଖିବା ପାଇଁ ଏବଂ ସାଇବର ଅପରାଧୀମାନେ ଫିସିଂ ଆକ୍ରମଣ ପାଇଁ ବ୍ୟବହାର କରୁଛନ୍ତି।

ଖୁବ୍‌ଶୀଘ୍ର ଏଆଇ'କୁ ଭୟଙ୍କର ନୂତନ ଭାଇରସ ଏବଂ ଭୟଙ୍କର ଘାତକ ଅସ୍ତ୍ରଶସ୍ତ୍ର ସୃଷ୍ଟି କରିବାକୁ ବ୍ୟବହାର କରାଯାଇପାରେ। କାହାକୁ ମାରିବେ କିମ୍ବା ପଙ୍ଗୁ କରିବେ ସେ ସମ୍ପର୍କରେ ନିଜେ ନିଷ୍ପତ୍ତି ନିଅନ୍ତି। ଆମ ପାଖରେ ବର୍ତ୍ତମାନ ପ୍ରମାଣ ଅଛି ଯେ, ସ୍ୱାର୍ଥପର କମ୍ପାନୀ ଯଦି ଏଆଇ ସୃଷ୍ଟି କରିବେ, ତେବେ ଆମର ସୁରକ୍ଷା ସେମାନେ ବିଚାର କରିବେ ନାହିଁ। ଏ କଥାଗୁଡ଼ିକ ବିଜ୍ଞାନର କାଳ୍ପନିକ କାହାଣୀ ନୁହେଁ, ନିରାଟ ସତ।

ଜେଫ୍ରି ହିଣ୍ଟନ ଗୁଗୁଲ କମ୍ପାନୀ ସହିତ ଏକ ଦଶନ୍ଧି ରହିବା ପରେ ମେ' ୨୦୨୩ରେ ଗୁଗୁଲରୁ ଇସ୍ତଫା ଦେଇଥିଲେ ଏବଂ ଏଆଇ'ର ବିପଦ ବିଷୟରେ କହିବା ଆରମ୍ଭ କରିଥିଲେ। ପୂର୍ବତନ ଗୁଗୁଲ୍ ବୈଜ୍ଞାନିକ ସତର୍କ କରାଇ ଦେଇଥିଲେ, ଯଦି ଏଆଇର ଅଭିବୃଦ୍ଧିକୁ ନିୟନ୍ତ୍ରଣ କରାନଯାଏ ତେବେ ମାନବ ଜାତିକୁ ନଷ୍ଟ କରିବାର ୨୦ ପ୍ରତିଶତ ସମ୍ଭାବନା ଅଛି। ହିଣ୍ଟନ୍ ଦୁଃଖ ପ୍ରକାଶ କରିଥିଲେ- ମୁଁ ଏଆଇ'ର ସୁରକ୍ଷା ସମସ୍ୟା ବିଷୟରେ ଆଗରୁ ଚିନ୍ତା କରିବା ଉଚିତ ଥିଲା।

କୃତ୍ରିମ ବୁଦ୍ଧିମତ୍ତାର ଶକ୍ତି: କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ହେଉଛି ମେସିନରେ ମାନବ ବୁଦ୍ଧିମତ୍ତାର ଅନୁକରଣ, ଯାହା ସେମାନଙ୍କୁ ଶିଖିବା, ଯୁକ୍ତି କରିବା, ଅନୁଭବ କରିବା, ସମସ୍ୟା ସମାଧାନ କରିବା ଏବଂ ମାନବ କ୍ଷମତା ବାହାରେ ନିଷ୍ପତ୍ତି ନେବାରେ ସମର୍ଥ କରିଥାଏ। ଏହା ଭର୍ଚୁଆଲ୍ ଆସିଷ୍ଟାଣ୍ଟ (ସିରି, ଆଲେକ୍ସା), ସର୍ଚ୍ଚ ଇଞ୍ଜିନ୍, ନେଟଫ୍ଲିକ୍ସ, ୟୁଟ୍ୟୁବ୍ ଏବଂ ସ୍ୱୟଂଚାଳିତ କାର୍ ସୃଷ୍ଟି କରିଛି। ଏଆଇ ମେସିନ୍ ଲର୍ଣ୍ଣିଂ(ଏମଏଲ) ଏବଂ ଡିପ୍ ଲର୍ଣ୍ଣିଂ (ଡିଏଲ) ସୃଷ୍ଟି କରେ। ଏହା ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ (ଏନଏଲପି), ଚାଟ୍‌ଜିପିଟି ଭଳି ସ୍ମାର୍ଟ ସିଷ୍ଟମ୍, ମାନବ ଭାଷା (ଚାଟ୍‌ବଟ୍, ଅନୁବାଦ) ଏବଂ ସୁରକ୍ଷା ବ୍ୟବସ୍ଥାରେ ମୁହଁ ଚିହ୍ନଟ କରିବାକୁ ସୁବିଧା ଦିଏ। ଏଆଇ ଦକ୍ଷତା ବୃଦ୍ଧି କରେ, ନୂତନ ସମ୍ଭାବନା ସୃଷ୍ଟି କରେ ଏବଂ ଦୈନନ୍ଦିନ ଜୀବନରେ ସ୍ୱୟଂଚାଳିତ କାର୍ଯ୍ୟଗୁଡ଼ିକୁ ଏକୀକୃତ କରେ।

ଏଆଇ'ର ବିପଦ: ଏଆଇ'ର ବିପଦ ମଧ୍ୟରେ ଚାକିରି କ୍ଷୟ, ଗୁପ୍ତ ନିରୀକ୍ଷଣ, ଫିସିଂ, ଭୁଲ୍ ସୂଚନା, ଗୋପନୀୟତା ଉଲ୍ଲଂଘନ, ଅପବ୍ୟବହାର ଏବଂ ସାଇବର ଆକ୍ରମଣ ଯୋଗୁଁ ସୁରକ୍ଷାରେ ବିପଦ ଭଳି ଗମ୍ଭୀର ବିପଦ ଅନ୍ତର୍ଭୁକ୍ତ। ଦୀର୍ଘକାଳୀନ ଅସ୍ତିତ୍ୱଗତ ବିପଦ ଅନିୟନ୍ତ୍ରିତ ହୋଇପାରେ, ଏଥିପାଇଁ ଜରୁରି ବିଶ୍ୱ ଶାସନ ଏବଂ ସୁରକ୍ଷା ଗବେଷଣା ଆବଶ୍ୟକ। ଆତ୍ମ-ଉନ୍ନତ ଏଆଇ ମାନବ ନିୟନ୍ତ୍ରଣ ବାହାରକୁ ଯାଇ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ତିଆରି କରି ଯୁଦ୍ଧକୁ ବୃଦ୍ଧି କରିପାରେ।

ଏଆଇ ମଣିଷକୁ ଆହ୍ୱାନ ଦେଉଛି: ହିଣ୍ଟନ ମଣିଷର ତୁଳନା ଏପରି ଏଆଇ ସତ୍ତା ସହିତ କରି ତାଙ୍କୁ ଛୋଟ ପିଲାଙ୍କ ଭଳି ତିଆରି କରିଥାଆନ୍ତି। ତାଙ୍କ ମତରେ, ଭବିଷ୍ୟତରେ ଏଆଇଗୁଡ଼ିକ ଏପରି ଆଭ୍ୟନ୍ତରୀଣ ଭାଷା ବିକଶିତ କରିପାରେ ଯାହା ମଣିଷ ବୁଝିପାରିବନାହିଁ, ଯାହା ସ୍ୱଚ୍ଛତା ଏବଂ ନିୟନ୍ତ୍ରଣକୁ ହ୍ରାସ କରିପାରେ। ରୋବୋଟ୍ ଶେଷରେ ମଣିଷ ଅପେକ୍ଷା ଅଧିକ ବୁଦ୍ଧିମାନ ହୋଇପାରନ୍ତି। ତା'ପରେ ସେମାନଙ୍କୁ ଅଟକାଇବାର କୌଣସି ଉପାୟ ନାହିଁ। ସେମାନେ ସାରା ବିଶ୍ୱକୁ ଦଖଲ କରିବେ ଏବଂ ମଣିଷ ଅନାବଶ୍ୟକ ହୋଇଯିବ।

ବିପରୀତ ଯୁକ୍ତି: ସମସ୍ତେ ହିଣ୍ଟନଙ୍କ ସହ ସହମତ ନୁହଁନ୍ତି। ଏଆଇର ଧର୍ମମାତା ଭାବରେ ବିଦିତ ଫେଇ-ଫେଇ ଲି, ତାଙ୍କର ଦୀର୍ଘକାଳୀନ ବନ୍ଧୁ ହିଣ୍ଟନଙ୍କ ସହ ସହମତ ନୁହଁନ୍ତି। ଲି' ମାନବକେନ୍ଦ୍ରିକ ଏଆଇ'ର ଓକିଲାତି କରିବାକୁ ଯାଇ କୁହନ୍ତି, ଯାହା ମଣିଷର ଗାରିମା ଆଉ ମଣିଷତ୍ୱର ମର୍ଯ୍ୟାଦାକୁ ଅତୁଟ ରଖିବ। ଚାଟ୍‌ଜିପିଟିର ସିଇଓ ଏମ୍ମେଟ ସିୟର କହିଛନ୍ତି ଯେ, କିଛି ଏଆଇ ସିଷ୍ଟମ ମଣିଷଙ୍କୁ ବ୍ଲାକମେଲ୍ କରିବାକୁ କିମ୍ବା ସଟ୍‌ଡାଉନ୍ ଆଦେଶକୁ ଅମାନ୍ୟ କରିବାକୁ ଚେଷ୍ଟା କରିଛନ୍ତି। ସେ କହିଛନ୍ତି ଯେ, ମଣିଷ ଏବଂ ଏଆଇ ମଧ୍ୟରେ ସହଯୋଗୀ ସମ୍ପର୍କ ଗଠନ କରିବା ଆବଶ୍ୟକ ।

ଭବିଷ୍ୟତରେ ଏଆଇ'ର ଲାଭ: ଭବିଷ୍ୟତରେ ଏଆଇ'ର ଲାଭ ମଧ୍ୟରେ ସ୍ୱାସ୍ଥ୍ୟସେବାରେ ବିପ୍ଳବ ଆଣିବା, ଉତ୍ପାଦକତା ଏବଂ ଦକ୍ଷତା ବୃଦ୍ଧି କରିବା, ଶିକ୍ଷାରେ ପରିବର୍ତ୍ତନ ଆଣିବା, ସ୍ମାର୍ଟ ସହର ଏବଂ ପରିବହନ ସୃଷ୍ଟି କରିବା ଅନ୍ତର୍ଭୁକ୍ତ। ଏହା ବ୍ୟବସାୟକୁ ବୃଦ୍ଧି କରିବ ଏବଂ ଜଳବାୟୁ ପରିବର୍ତ୍ତନ, ନବସୃଜନ, ତଥ୍ୟରୁ ଗଭୀର ଅନ୍ତର୍ଦୃଷ୍ଟି ଭଳି ସମସ୍ୟାଗୁଡ଼ିକର ମୁକାବିଲା କରିବ। ହିଣ୍ଟନ ଆଶାବାଦୀ ଯେ, ଏହି ପ୍ରଯୁକ୍ତିବିଦ୍ୟା ଚିକିତ୍ସା କ୍ଷେତ୍ରରେ ସଫଳତାର ପଥ ପ୍ରଶସ୍ତ କରିବ। ସେ କହିଛନ୍ତି, ଆମେ ମୌଳିକ ନୂତନ ଔଷଧ ଦେଖିବାକୁ ଯାଉଛୁ। ଆମେ ବର୍ତ୍ତମାନ ଅପେକ୍ଷା ବହୁତ ଭଲ କର୍କଟ ଚିକିତ୍ସା ପାଇବୁ। ସେ କହିଥିଲେ ଏଆଇ ଡାକ୍ତରମାନଙ୍କୁ ଏମଆରଆଇ ଏବଂ ସିଟି ସ୍କାନକୁ ଯାଞ୍ଚ କରି ଚିକିତ୍ସାରେ ସାହାଯ୍ୟ କରିବ ।

ମଣିଷ ବନାମ ମେସିନ୍ ପ୍ରତିଯୋଗିତା: ମାନବ ବୁଦ୍ଧିମତ୍ତାର ଅନନ୍ୟ ଗୁଣଗୁଡ଼ିକ ଅଛି ଯେପରିକି ସହାନୁଭୂତି, ସୃଜନଶୀଳତା ଏବଂ ସାଧାରଣ ଜ୍ଞାନ। ମଣିଷ ଚେତନା, ଭାବନା ଏବଂ ଉଦ୍ଦେଶ୍ୟର ଭାବନା ଧାରଣ କରେ, ଯେତେବେଳେ ମେସିନଗୁଡ଼ିକ ତର୍କ, ଆଲଗୋରିଦମ ଏବଂ ତଥ୍ୟ ଉପରେ କାର୍ଯ୍ୟ କରେ, ଭାବନା ଏବଂ ବୁଝାମଣାର ଅଭାବ ରହିଥାଏ। ଏଆଇ ନୈତିକ ବିଚାର ଏବଂ ନୈତିକ ଯୁକ୍ତିରୁ ମୁକ୍ତ। ମଣିଷ ମେସିନ୍ ସୃଷ୍ଟି କରିଛି। ଧୀରେ ଧୀରେ ଏଆଇ ଯୋଗୁଁ ମେସିନ୍ ଅଧିକ ବୁଦ୍ଧିମାନ ହେଉଛି। ହୁଏତ ମଣିଷ ବୁଦ୍ଧିମାନ ମେସିନ୍ ଭିତରେ ଏକ ପୌରାଣିକ ଭସ୍ମାସୁର ସୃଷ୍ଟି କରିଛି ! ଫ୍ରାଙ୍କେନଷ୍ଟାଇନ୍ ରାକ୍ଷସ ପରି ମେସିନ୍ ମଣିଷକୁ ଧ୍ୱଂସ କରିପାରେ ।

ପଞ୍ଚମ ଶିଳ୍ପ ବିପ୍ଳବ: ଚାରିଟି ଶିଳ୍ପ ବିପ୍ଳବରେ ମେସିନର ପ୍ରମୁଖ ଭୂମିକା ପରେ ପଞ୍ଚମ ଶିଳ୍ପ ବିପ୍ଳବ (ଶିଳ୍ପ ୫.୦) ପ୍ରାୟ ୨୦୨୦ ମସିହାରେ ଆରମ୍ଭ ହୋଇଛି। ଏହା ମଣିଷ-ଯନ୍ତ୍ର ସହଯୋଗ, ମାନବ ସୃଜନଶୀଳତା, ସ୍ଥିରତା, ଶ୍ରମିକ ଏବଂ ଗ୍ରହର କଲ୍ୟାଣ ପାଇଁ ଏକ ମାନବକେନ୍ଦ୍ରିକ ଆଭିମୁଖ୍ୟ ଉପରେ ଧ୍ୟାନକେନ୍ଦ୍ରିତ କରୁଛି। 'ଇଣ୍ଡଷ୍ଟ୍ରି-୫.୦' କାରଖାନାକୁ ଏପରି ଏକ ସ୍ଥାନ କରିବ ଯେଉଁଠାରେ ସୃଜନଶୀଳ ଲୋକମାନେ ଆସି କାମ କରିପାରିବେ। ଟେସଲାର ସିଇଓ ଏଲୋନ ମସ୍କ ସ୍ୱୀକାର କରିଛନ୍ତି ଯେ, ତାଙ୍କ କମ୍ପାନୀରେ 'ଅତ୍ୟଧିକ ସ୍ୱୟଂଚାଳିତତା' ପ୍ରକୃତରେ ଭୁଲ୍ ଥିଲା। ଏହା ମାନବଙ୍କୁ ତଳକୁ ଆଣିଛି। ଶିଳ୍ପ। ୫.୦ ମଣିଷକୁ କେନ୍ଦ୍ରରେ ରଖିବା ଉଚିତ ।

ହିଣ୍ଟନଙ୍କ ବାର୍ତ୍ତା: ହିଣ୍ଟନ ସତର୍କ କରାଇଛନ୍ତି ଯେ, ଭବିଷ୍ୟତରେ ଜଣେ ବୟସ୍କ, ୩ବର୍ଷର ପିଲାକୁ କ୍ୟାଣ୍ଡି ଦେବା ପରି ଏଆଇ ସିଷ୍ଟମଗୁଡ଼ିକ ମଣିଷମାନଙ୍କୁ ନିୟନ୍ତ୍ରଣ କରିପାରିବ। ଏଆଇ ସିଷ୍ଟମଗୁଡ଼ିକ ସେମାନଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ଠକିବା ଏବଂ ଚୋରି କରିବାକୁ ପ୍ରସ୍ତୁତ ଥିବାର ଉଦାହରଣ ଦେଖାଯାଇଛି। ହିଣ୍ଟନ ବିଶ୍ୱାସ କରନ୍ତି ଯେ, ଆମଠାରୁ ଅଧିକ ବୁଦ୍ଧିମାନ ସତ୍ତା ସହିତ ସହାବସ୍ଥାନ ବିଷୟରେ ଆମେ ବିଚାର କରିବା ଉଚିତ। ସେ ଏଆଇ ମଡେଲଗୁଡ଼ିକରେ ମାତୃତ୍ୱର ପ୍ରବୃତ୍ତି ଗଠନ ପାଇଁ ଏକ ସମାଧାନ ଉପସ୍ଥାପନ କରିଥିଲେ, ଯାହାଦ୍ୱାରା ଏଆଇ'ରେ ଲୋକଙ୍କ ପ୍ରତି କରୁଣାର ଭାବନା ଜାତ ହେବ।

ଉପସଂହାର: ହିଣ୍ଟନ ସୁରକ୍ଷା ଏବଂ ସତର୍କତାର ସମର୍ଥନ କରନ୍ତି। ଏଆଇ'ର ସୁରକ୍ଷା ଏବଂ ନିୟନ୍ତ୍ରଣ ଉପରେ ସହଯୋଗପୂର୍ଣ୍ଣ ବିଶ୍ୱ ଗବେଷଣା ଆବଶ୍ୟକ। ଏକ ଏଆଇ ନିୟନ୍ତ୍ରିତ ବିଶ୍ୱରେ ଦାୟିତ୍ୱପୂର୍ଣ୍ଣ ଆଚରଣ ପାଇଁ ଛାତ୍ର ଏବଂ ବୁଦ୍ଧିଜୀବୀମାନଙ୍କୁ ଆହ୍ୱାନ କରିଛନ୍ତି। ଏଆଇ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଦୃଢ଼ ନୀତି (ଯେପରିକି ଇୟୁ'ର ଏଆଇ ଆଇନ) ପ୍ରଣୟନ ଏବଂ ନିୟନ୍ତ୍ରଣର ଜରୁରି ଆବଶ୍ୟକତା ରହିଛି। ବିପର୍ଯ୍ୟୟ, ବିପଦକୁ ରୋକିବା ପାଇଁ ଏଆଇ'ର ସୁରକ୍ଷା ବିଷୟରେ ଗବେଷଣା ଆବଶ୍ୟକ। ଏଆଇ'ର ପ୍ରତିରୋଧ କରାଯାଇପାରିବ ନାହିଁ। ଏଆଇ ଦୌଡ଼ରେ କେହି ବିଜେତା ହେବା ଉଚିତ୍ ନୁହେଁ। ବରଂ ମଣିଷ ଏବଂ ମେସିନ୍ ନୀତି, ମୂଲ୍ୟବୋଧ ଏବଂ ମାନବାଧିକାରକୁ ସମ୍ମାନ ଦେଇ ସହଯୋଗୀ ହେବା ଉଚିତ। ଜନସାଧାରଣ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏଆଇର ବିପଦ ଏବଂ ଲାଭ ବିଷୟରେ ଶିକ୍ଷା ଦେବା ଅତ୍ୟନ୍ତ ଜରୁରି।

ଜାତୀୟ ଚେତନା
JATIYA CHETANA



# ମାଓବାଦୀଙ୍କ ଉପରେ ଟଙ୍କା ବର୍ଷା

ଭୁବନେଶ୍ୱର,(ଜା.ପ୍ର): ଅନ୍ୟ ରାଜ୍ୟର ନକ୍ସଲ, ଓଡ଼ିଶାରେ କରିପାରିବେ ସରେଣ୍ଡର। ନକ୍ସଲମୁକ୍ତ ଦେଶ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ନୂଆ ରୋଡ୍ ମ୍ୟାପ୍। ୨ ମାସରେ ଦ୍ୱିତୀୟ ଥର ପାଇଁ ସଂଶୋଧିତ ହୋଇଛି ମାଓବାଦୀଙ୍କ ଥଇଥାନ ପ୍ୟାକେଜ୍। ଏଥିରେ କିଛି ନୂଆ ବ୍ୟବସ୍ଥା କରାଯିବା ସହ ନକ୍ସଲଙ୍କୁ ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶା ବାହାରେ ସକ୍ରିୟ ଥିବା ନକ୍ସଲ ଓଡ଼ିଶାରେ ସରେଣ୍ଡର କରିପାରିବେ। ଓଡ଼ିଶା ସରକାରଙ୍କ ନକ୍ସଲ ସରେଣ୍ଡର୍ ପ୍ୟାକେଜ୍ ସେମାନଙ୍କୁ ମିଳିବ। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି ହୋଇଛି।

ଥଇଥାନ ପ୍ୟାକେଜ ବା ପୁନର୍ବାସ ନୀତିରେ ନୂଆ ନିୟମ ଅନୁସାରେ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯିବ। ଆତ୍ମ ସମର୍ପଣର ୬୦ ଦିନ ସୁଦ୍ଧା ମିଳିବ ଥଇଥାନ। ତା'ସହ ମୁଣ୍ଡ ଜାମିନ ପୁରସ୍କାର ରାଶିକୁ ଅଧିକ ଆକର୍ଷଣୀୟ କରାଯାଇଛି। ଫଳରେ ଅଧିକରୁ ଅଧିକ ନକ୍ସଲ ହିଂସା ଛାଡ଼ି ମୁଖ୍ୟସ୍ରୋତକୁ ଫେରିବେ। ଏବେ ନକ୍ସଲ ସରେଣ୍ଡର କଲେ ଯଦି ସେ, କେନ୍ଦ୍ରୀୟ କମିଟି ବା ପଲିଟବ୍ୟୁରୋ ସଭ୍ୟ ହେଇଥିଲେ ସର୍ବାଧିକ ୧ କୋଟି ୧୦ ଲକ୍ଷ ଟଙ୍କା ମିଳୁଛି। ତା' ସହ ରାଜ୍ୟ କମିଟି ସଦସ୍ୟ ହେଇଥିଲେ ୫୫ ଲକ୍ଷ, ଆଞ୍ଚଳିକ କମିଟି ସଭ୍ୟ ହୋଇଥିଲେ ମିଳିବ ୩୩ ଲକ୍ଷ ଟଙ୍କା। ୫ ଲକ୍ଷରୁ ଅଧିକ ପୁରସ୍କାର ଥିବା ନକ୍ସଲଙ୍କୁ ଅତିରିକ୍ତ ୧୦ ଲକ୍ଷ ଫିକ୍ସଡ୍ ଡିପୋଜିଟ୍ ମିଳିବ।

ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ ଥଇଥାନ ପ୍ୟାକେଜ ବା ପୁନର୍ବାସ ନୀତିରେ ସର୍ବଭାରତୀୟସ୍ତରର କ୍ୟାଡରଙ୍କ ପାଇଁ ନୂଆ ନିୟମ ଯୋଡ଼ାଯାଇଛି । ନୂତନ ନିୟମ ଅନୁସାରେ ଯଦି କୌଣସି ନକ୍ସଲ ଓଡ଼ିଶାର ବାସିନ୍ଦା ନୁହଁନ୍ତି କିନ୍ତୁ ଓଡ଼ିଶାରେ ସକ୍ରିୟ ଅଛନ୍ତି, ସେମାନେ ମଧ୍ୟ ଏହି ଯୋଜନାରେ ସମସ୍ତ ସୁବିଧା ପାଇପାରିବେ। ନୂଆ ନୀତିରେ ମୁଣ୍ଡଜାମିନ ପୁରସ୍କାର ରାଶିକୁ ଅତ୍ୟଧିକ ବୃଦ୍ଧି କରାଯାଇଛି । କେନ୍ଦ୍ରୀୟ କମିଟି ସଭ୍ୟ ବା ପଲିଟବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧.୧୦ କୋଟି ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଞ୍ଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ ହୋଇଛି । ଏହାବ୍ୟତୀତ ୫ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ଥିବା ସକ୍ରିୟ ନକ୍ସଲମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ଏକକାଳୀନ ରାଶି ଫିକ୍ସଡ୍ ଡିପୋଜିଟ୍ ଆକାରରେ ଦିଆଯିବ। ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରୁଥିବା କ୍ୟାଡରମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଦର ତାଲିକା ଜାରି କରିଛନ୍ତି। ତଦନୁଯାୟୀ ଏଲଏମଜି ବନ୍ଧୁକ ପାଇଁ ୪.୯୫ ଲକ୍ଷ ଟଙ୍କା, ଏକେ-୪୭ ପାଇଁ ୩.୩୦ ଲକ୍ଷ ଟଙ୍କା, ଇନସାସ୍ ବା ଏସଏଲଆର ରାଇଫଲ୍ ପାଇଁ ୧.୬୫ ଲକ୍ଷ ଟଙ୍କା ଅଲଗା ଭାବେ ପ୍ରଦାନ କରାଯିବ। ଏପରିକି ଗୋଟିଏ ଗ୍ରେନେଡ ପାଇଁ ୫୫୦ ଟଙ୍କା ଓ ପ୍ରତିଟି ଗୁଳି ପାଇଁ ୫୫ ଟଙ୍କାର ପୁରସ୍କାର ରଖାଯାଇଛି।କୌଣସି ଅସ୍ତ୍ର ନଥାଇ ଆତ୍ମସମର୍ପଣ କଲେ ମଧ୍ୟ ସମସ୍ତଙ୍କୁ ଅତିରିକ୍ତ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ।ରାଜ୍ୟ ଗୃହ ବିଭାଗ ଗତ ୨୦୨୫ ନଭେମ୍ବର ୨୭ରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ମାତ୍ର ତିନି ମାସ ମଧ୍ୟରେ ପୁଣିଥରେ ସଂଶୋଧନ କରିଛନ୍ତି। ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଛନ୍ତି।

## ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା

# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ୍ ଜଳ ଯୋଗାଅ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଜା.ପ୍ର): ମାର୍ଚ୍ଚ ୨୦୨୭ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। ଆଦିବାସୀ ଅଧୁଷିତ ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ହେବ।

ବର୍ତ୍ତମାନ ରାଜ୍ୟର ୪୬, ୫୩୧ ଟି ଗ୍ରାମ ମଧ୍ୟରୁ ୨୧, ୭୨୧ ଟି ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି। ଏହା ସହିତ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ନିର୍ମାଣାଧୀନ ଅଛି। ସମସ୍ତ ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଓଡ଼ିଶାରେ ପାଇପ୍ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି। ତନ୍ମଧ୍ୟରୁ ଜଳ ଜୀବନ ମିଶନ୍ ଯୋଜନାରେ ୩୨, ୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧, ୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି। ୨୦୧୭ରୁ ୧୨ ଜୁନ ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଜୁନ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିଭଳି ଜୁନ ୨୦୨୪ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ୍ ମାତ୍ର ୨୦ ମାସ ମଧ୍ୟରେ ରାଜ୍ୟରେ ୨, ୯୫୧ଟି ଏକକ ଗ୍ରାମ ପ୍ରକଳ୍ପ , ୨, ୭୦୨ଟି ସୌର ଶକ୍ତି ପାନୀୟ ଜଳ ପ୍ରକଳ୍ପ, ଏବଂ ୨୬, ୧୩୭ଟି ନଳକୂପ ସ୍ଥାପିତ ହୋଇଛି। ବୈଠକରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍, ନିର୍ଦ୍ଦେଶକ ପାନୀୟ ଜଳ ଓ ପରିମଳ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

# କଷ୍ଟମ ମିଲିଂ ସମସ୍ୟାର ହେବ ସମାଧାନ: ମିଲର୍‌ମାନଙ୍କୁ ମିଳିଲା ପ୍ରତିଶ୍ରୁତି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ନେଇ ମିଲର୍‌ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏକ ବୈଠକରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଛନ୍ତି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ.ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନା କରିଥିଲେ।




ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଧାନ ସଂଗ୍ରହ, ଧାନରୁ ଚାଉଳ ପ୍ରସ୍ତୁତି ପରେ ସରକାରଙ୍କୁ ଚୁକ୍ତିଭିତ୍ତିକ ଚାଉଳ ଯୋଗାଣ ଏବଂ ରାଜ୍ୟ ସରକାରଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଚାଉଳ ସଂଗ୍ରହ କରିବା ଆଦି ସବିଶେଷ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେସବୁର ସମାଧାନ ଦିଗରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖରିଫ୍ ମାର୍କେଟିଂ ଋତୁ ୨୦୨୪-୨୫ ରେ ସଂଗୃହିତ ଧାନ ଅନୁସାରେ ସେସବୁର କଷ୍ଟମ ମିଲିଂ ଓ ଚାଉଳ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୨୫-୨୬ ମାର୍କେଟିଂ ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ୨୦୨୪-୨୫ ମାର୍କେଟିଂ ଋତୁର ଚୁକ୍ତିଭିତ୍ତିକ ମିଲିଂ ଚାଉଳ ପ୍ରାୟ ଦଶ ପ୍ରତିଶତ ବାକି ରହିଛି ଓ ଏହାର ଯୋଗାଣ ଜାରି ରହିଛି। ସଂଗୃହିତ ନୂଆ ଧାନ ସଂଗ୍ରହ, ଦୀର୍ଘ ସମୟ ଧରି ମିଲରେ କଷ୍ଟମ ମିଲ୍ଡ ଚାଉଳ ଓ ନୂଆ ଧାନ ରଖିବା ପାଇଁ ସ୍ଥାନ ଓ ଧାନ ସଂରକ୍ଷଣ ଜନିତ ସମସ୍ୟା ରହୁଛି । ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମ ସହାୟତାରେ ମିଲର୍ସମାନଙ୍କ ଦ୍ୱାରା ନିଜ ନିଜ ପରିସରରେ ଧାନ ସଂଗ୍ରହ ପାଇଁ ଅତିରିକ୍ତ ସୁବିଧା କରାଯାଇଥିଲେ ହେଁ, ଧାର୍ଯ୍ୟ ମାସରୁ ଅଧିକ ସମୟ ଧରି ସେସବୁକୁ ରଖିବାକୁ ପଡୁଥିବାରୁ ଏଥିପାଇଁ ଅଧିକ ଭଡ଼ା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମସ୍ୟା ରହୁଥିବାରୁ ସେ ସମ୍ପର୍କରେ ମିଲର୍ସ ଆସୋସିଏସନ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆହୁରି ମଧ୍ୟ ମିଲରମାନେ ଧାନ ସଂଗ୍ରହ ଓ ଚାଉଳ ପରିବହନ ବାବଦକୁ ପାଉଥିବା ଆର୍ଥିକ ସହାୟତା ଖର୍ଚ୍ଚରେ ବୃଦ୍ଧି କରିବା ନେଇ ଅନୁରୋଧ କରିଥିଲେ। ଦୀର୍ଘ ଦିନ ଧରି ଧାନ ଓ ଚାଉଳ ସଂରକ୍ଷଣ ରଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଓ ଉଦ୍ୟୋଗ ଯୋଜନାରେ ବଡ଼ ବଡ଼ ଧାନ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ସଂଘ ତରଫରୁ ପ୍ରସ୍ତାବ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘଠାରୁ ମିଲର୍‌ମାନଙ୍କ ସମସ୍ୟା ସମ୍ପର୍କରେ ଶୁଣିଥିଲେ । ସବୁ ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ସେସବୁର ସମାଧାନ ପାଇଁ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ପକ୍ଷରେ ମିଲର୍ସ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ ଧାନ ସଂଗ୍ରହ, ଚୁକ୍ତିଭିତ୍ତିକ କଷ୍ଟମ ମିଲ୍ଡ ଚାଉଳ ପ୍ରଦାନ କରିବା ଏକ ନିରନ୍ତର ପ୍ରକ୍ରିୟା। ଏଥିରେ ମିଲର୍ସମାନଙ୍କର ସହଯୋଗ ରହିଛି। କିନ୍ତୁ ସାମଗ୍ରିକ ପ୍ରକ୍ରିୟାରେ ମିଲର୍ସମାନେ ଦୀର୍ଘ ଦିନରୁ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଥିଲେ।

# ଦୀନଦୟାଲଙ୍କ ଏକାତ୍ମମାନବବାଦ ଗରିବଙ୍କ ଉତ୍‌ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): 'ପଣ୍ଡିତ ଦୀନଦୟାଲ ଜୀ ନିଜେ ସାରା ଜୀବନକୁ ରାଷ୍ଟ୍ର ସେବା ପାଇଁ ସମର୍ପିତ କରିଦେଇଥିଲେ। ଆର୍ଥିକ ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ। ଗରୀବ କଲ୍ୟାଣ ମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲ ଜୀଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର। ତାଙ୍କ ଏକାତ୍ମମାନବବାଦ ଦର୍ଶନ ଏବଂ ସମାଜର ଶେଷ ବ୍ୟକ୍ତିର ଉତ୍‌ଥାନ ଅନ୍ତ୍ୟୋଦୟ ବିଚାରଧାରାକୁ ପ୍ରୋତ୍ସାହିତ କରିବା ଥିଲା ତାଙ୍କ ମହତ ଉଦ୍ଦେଶ୍ୟ। ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମମାନବବାଦର ମୂଳ ଲକ୍ଷ୍ୟ। ଭାରତୀୟ ଜନସଂଘର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନା କରିବାକୁ ଯାଇ ପଣ୍ଡିତ୍ ଦୀନଦୟାଲଜୀ ଏକାତ୍ମମାନବବାଦ ଦର୍ଶନ ପ୍ରସ୍ତୁତ କରିଥିଲେ। ଦୀନଦୟାଲଙ୍କ ଏକାତ୍ମମାନବବାଦ ଗରିବଙ୍କ ଉତ୍‌ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ ଅଟେ। ଅନ୍ତ୍ୟୋଦୟ ଦର୍ଶନର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଜୀଙ୍କ ଏକ ଅଭୂତପୂର୍ବ ସଫଳତା। ସମାଜର ଅର୍ଥନୈତିକ ଶିଡିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ଏହି ସମର୍ପଣ ଦିବସରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗ ଦେଇ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ ଜୀ ଜଣେ ଅଦ୍ୱୈତ୍ୟ ସଂଗଠକ ଥିଲେ । ସେ ଭାରତୀୟ ଜନତା ସଂଘର ପ୍ରାଣ ପ୍ରତିଷ୍ଠାତା ଅଟନ୍ତି। ଭାରତବର୍ଷରେ ମୂଲ୍ୟଭିତିକ ରାଜନୀତି ସେ ଆରମ୍ଭ କରିଥିଲେ। ସମର୍ପଣ ଦିବସ ପାଳନର ରାଜ୍ୟ ସଂଯୋଜକ ତଥା ରାଜ୍ୟ ଉପସଭାପତି ଅଶୋକ ମିଶ୍ର ସାଂସ୍କୃତିକ ରାଷ୍ଟ୍ରବାଦ, ଅନ୍ତ୍ୟୋଦୟ, ପରିଷ୍କୃତ ଗଣତନ୍ତ୍ର ଓ ଦୀନଦୟାଲଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ବିଜେପି ବାର୍ତ୍ତା' ପତ୍ରିକାର ଉନ୍ମୋଚନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଟିଟଲାଗଡ ବିଧାୟକ ନବୀନ କୁମାର ଜୈନ୍, ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ପୂର୍ଣ୍ଣିମା ପ୍ରିୟଦର୍ଶନୀ ନାୟକ, ରାଜ୍ୟ ସଂପାଦିକା ଡ. ପ୍ରିତୀପ୍ରତିଭା ଭୋଳ, ପିଙ୍କି ପ୍ରଧାନ, ସ୍ମିତା ପ୍ରଧାନ, 'ବିଜେପି ବାର୍ତ୍ତା' ସଂପାଦକପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବରିଷ୍ଠ ନେତା ଭୁବନାନନ୍ଦ ତ୍ରିପାଠୀ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଜି ରାଜ୍ୟବ୍ୟାପୀ ସମସ୍ତ ବୁଥ୍ ଏବଂ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ପଣ୍ଡିତ ଦୀନଦୟାଲଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

ଜାତୀୟ ଚେତନା
JATIYA CHETANA





# ଆତ୍ମାର କାନ୍‌ଭାସ୍: ସଙ୍ଗୀତା ଏକ ଅସମାପ୍ତ ଅନୁରାଗ

ମମତା ମଞ୍ଜରୀ ସାହୁ

ସଙ୍ଗୀତା କହିଲେ ମନରେ ଯେତିକି ପବିତ୍ରତାର କଳ୍ପନା କରାଯାଇପାରେ, ତା'ଠାରୁ ଢେର ବେଶୀର ଏକ ମୂର୍ତ୍ତିକଳ୍ପ ଥିଲା ସେ। ସେଦିନ ଅଫିସର ସେଇ ଶୁଷ୍କ ପରିବେଶରେ ସେ ଯେତେବେଳେ ମୋ ପାଖକୁ ଆସି ପଚାରିଥିଲା, 'କ'ଣ ଦେଖୁଛନ୍ତି?', ସେତେବେଳେ ମୋ ଭିତରେ ଥିବା ସବୁ ଶବ୍ଦ ଯେମିତି ହଜିଯାଇଥିଲା। ମୁଁ ସ୍ତବ୍ଧ ହୋଇ ଚାହିଁ ରହିଥିଲି ତା'ର ସେଇ ନୀଳନୀଳ ଆଖିକୁ। ସେ ଆଖିରେ ରାଗ ନଥିଲା, କିନ୍ତୁ ଏକ ଗଭୀର ପ୍ରଶ୍ନବାଚୀ ଥିଲା। ସତେ ଯେମିତି ସେ ମୋ ଆତ୍ମାର ସବୁଠାରୁ ଗଭୀର କୋଣକୁ ପଢ଼ି ନେବାକୁ ଚାହୁଁଥିଲା। ମୋର ସେଇ ପାଟି ଖନି ମାରିବା ଅବସ୍ଥା ଦେଖି ସେ ଧୀରେ ହସିଦେଲା। ସେ ହସଟି ଥିଲା ଏକ ଶରତ ସକାଳର ଶିଉଳି ଭିଜା ଦୁବ ଘାସ ଉପରେ ପଡ଼ିଥିବା ସୂର୍ଯ୍ୟର ପ୍ରଥମ କିରଣ ପରି। ସେ ଧୀରେ ଧୀରେ ମୋ ଟେବୁଲ୍ ପାଖରେ ବସିଲା। ଅଫିସ୍‌ର ଅନ୍ୟ କର୍ମଚାରୀମାନେ ନିଜ ନିଜ କାମରେ ବ୍ୟସ୍ତ ଥିଲେ ସତ, କିନ୍ତୁ ସମସ୍ତଙ୍କର କାନ ଆମ ଆଡ଼କୁ ଥିଲା। ମୁଁ ବୁଝିପାରୁଥିଲି, ସଙ୍ଗୀତା ଜଣେ ମାଧ୍ୟାକର୍ଷଣ ଶକ୍ତି ପରି, ଯିଏ ଅଜାଣତରେ ସମସ୍ତଙ୍କୁ ନିଜ ଆଡ଼କୁ ଟାଣି ନେଇଥାଏ।

ମୁଁ ଅନେକ ସମୟ ଧରି ନିରବ ରହିବା ପରେ ବଡ଼ କଷ୍ଟରେ କହିଲି, 'ସଙ୍ଗୀତା, ତୁମକୁ ଏମିତି ଚାହିଁବା ପଛରେ ମୋର କୌଣସି ଖରାପ ଉଦ୍ଦେଶ୍ୟ ନଥିଲା। ମୁଁ ବାସ୍ ଭାବୁଥିଲି, ଜଣେ ମଣିଷ ଏତେ ସରଳ ଏବଂ ଏତେ ସୁନ୍ଦର କେମିତି ହୋଇପାରେ? ତୁମେ ଆମ ଅଫିସକୁ ଆସିଲା ପରେ ଏଠାକାର ପରିବେଶ ବଦଳି ଯାଇଛି।' ସଙ୍ଗୀତା କିଛି ସମୟ ନିରବ ରହିଲା। ତା'ର ଗୋରା ତକତକ ହାତର ଆଙ୍ଗୁଠିଗୁଡ଼ିକ ମୋ ଟେବୁଲ୍ ଉପରେ ଥିବା ଏକ ଖାଲି କାଗଜ ଉପରେ ଧୀରେ ଧୀରେ ବୁଲୁଥିଲା। ସେ କହିଲା, 'ସୌନ୍ଦର୍ଯ୍ୟ ତ ଏକ ଆଭରଣ ମାତ୍ର। କିନ୍ତୁ ଏହି ଆଭରଣ ପଛରେ ଥିବା ମଣିଷଟାକୁ କେହି ଦେଖନ୍ତି ନାହିଁ। ଆପଣ ହୁଏତ ମୋତେ ଜଣେ ଦେବୀ ପରି ଭାବୁଛନ୍ତି, କିନ୍ତୁ ମୁଁ ଜଣେ ସାଧାରଣ ଝିଅ, ଯାହାର ଅନେକ ଦୁଃଖ ଅଛି, ଅନେକ ଅପୂର୍ଣ୍ଣ ସ୍ୱପ୍ନ ଅଛି। ଆପଣ ଜାଣନ୍ତି, ଅଫିସରେ ଲୋକମାନେ ମୋ ବିଷୟରେ କ'ଣ ଆଲୋଚନା କରନ୍ତି?' ତା'ର ଏହି ପ୍ରଶ୍ନ ମୋତେ ବଡ଼ ଅପ୍ରସ୍ତୁତ କରିଦେଲା। ମୁଁ ଜାଣିଥିଲି ଶର୍ମା ବାବୁ କିମ୍ବା ମିଶ୍ର ବାବୁ କ୍ୟାଣ୍ଟିନ୍‌ରେ ବସି କେମିତି ସଙ୍ଗୀତାକୁ ନେଇ କୁତ୍ସିତ ମନ୍ତବ୍ୟ ଦିଅନ୍ତି। ସେମାନେ ତା'ର ଶାଢ଼ିର ରଙ୍ଗଠାରୁ ଆରମ୍ଭ କରି ତା'ର ଚାଲିଚଳନ ଯାଏଁ ସବୁକିଛିକୁ ନିଜର ମନଗଢ଼ା ଗପରେ ସଜାନ୍ତି। ସେମାନଙ୍କ ପାଇଁ ସଙ୍ଗୀତା ଏକ ମନୋରଞ୍ଜନର ବିଷୟବସ୍ତୁ ଥିଲା, କିନ୍ତୁ ମୋ ପାଇଁ ସେ ଥିଲା ଏକ ନିର୍ମଳ ଧାରା।

ମୁଁ କହିଲି, 'ମୁଁ ସେସବୁ ଆଲୋଚନା ବିଷୟରେ ଜାଣେ, କିନ୍ତୁ ମୁଁ ସେଥିରେ କେବେ ଭାଗ ନିଏନି। ମୋତେ ସେସବୁ ଶୁଣିଲେ ଭାରି କଷ୍ଟ ହୁଏ। ଇଚ୍ଛା ହୁଏ ସେମାନଙ୍କ ମୁହଁ ବନ୍ଦ କରିଦେବାକୁ।' ସଙ୍ଗୀତା ଟିକେ ବିଷାଦଭରା ହସ ହସିଲା। 'ଆପଣ କାହା କାହା ମୁହଁ ବନ୍ଦ କରିବେ? ଏଇଟା ତ ସମାଜ। ଏଠି ନାରୀର ସୌନ୍ଦର୍ଯ୍ୟ ତା' ପାଇଁ ଏକ ଅଭିଶାପ ପାଲଟିଯାଏ। ଲୋକେ ତା'ର ଚରିତ୍ରକୁ ନେଇ କଥା ହୁଅନ୍ତି, କିନ୍ତୁ କେହି ତା'ର ସଂଘର୍ଷକୁ ଦେଖନ୍ତି ନାହିଁ। ଆପଣ ଜାଣନ୍ତି, ମୁଁ କାହିଁକି ଏହି ଚାକିରି କରୁଛି? ମୋ ବାପା ଜଣେ କ୍ୟାନ୍‌ସର୍ ରୋଗୀ। ତାଙ୍କର ଚିକିତ୍ସା ପାଇଁ ମୋତେ ଦିନରାତି ଏକ କରିବାକୁ ପଡୁଛି। ଅଫିସର ଏହି ରଙ୍ଗୀନ ଆଲୋକ ପଛରେ ମୋର ଏକ ଅନ୍ଧାରୀ ଦୁନିଆ ଅଛି।' ସଙ୍ଗୀତାଙ୍କ ମୁହଁରୁ ଏହି କଥା ଶୁଣିଲା ପରେ ମୋତେ ଲାଗିଲା ଯେମିତି ମୁଁ ତାଙ୍କୁ କେବଳ ଏକ ମୂର୍ତ୍ତି ପରି ଦେଖୁଥିଲି, କିନ୍ତୁ ସେ ଥିଲେ ଏକ ବିରାଟ ଯନ୍ତ୍ରଣାର ପର୍ବତ।

ଧୀରେ ଧୀରେ ଅଫିସ୍ ସମୟ ସରି ଆସୁଥିଲା। ବାହାରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଥିଲା। ସଙ୍ଗୀତା ତା'ର ବ୍ୟାଗ୍ ସଜାଡ଼ିଲା। ମୁଁ ଦେଖୁଥିଲି ତା'ର ପ୍ରତିଟି ଗତିବିଧିକୁ। ସେ ଯିବା ପୂର୍ବରୁ ମୋତେ ଚାହିଁ କହିଲା, 'ଆଜି ଆପଣଙ୍କ ସହ କଥା ହୋଇ ମୋ ମନଟା ଟିକେ ହାଲୁକା ଲାଗିଲା। ଆପଣଙ୍କ ଆଖିରେ ମୁଁ କାମନା ନୁହେଁ, ବରଂ ଏକ ସମ୍ମାନ ଦେଖିଲି। ସେଥିପାଇଁ ଧନ୍ୟବାଦ।' ମୁଁ କିଛି କହିପାରିଲିନି, କେବଳ ମୁଣ୍ଡ ହଲାଇଲି। ସେ ଚାଲିଗଲା। କିନ୍ତୁ ତା'ର ସେଇ ଶୁଭ୍ର ଚେହେରା ଏବଂ ତା'ର ଦୁଃଖଭରା କଥାଗୁଡ଼ିକ ମୋ ମନରେ ଏକ ଆଲୋଡ଼ନ ସୃଷ୍ଟି କଲା। ସେଦିନ ରାତିରେ ମୁଁ ଶୋଇପାରିଲିନି। ମୋ ଆଖି ଆଗରେ ସଙ୍ଗୀତାଙ୍କର ସେଇ ହସହସ ମୁହଁ ଏବଂ ଲୁହଭରା ଆଖି ଦୁଇଟି ବାରମ୍ବାର ନାଚି ଉଠୁଥିଲା। ମୁଁ ଭାବୁଥିଲି, ଏହି ପୁରୁଷ ସମାଜ କେତେ ନିର୍ଦ୍ଦୟ! ସେମାନେ ଜଣେ ଅସହାୟ ଝିଅର ସୌନ୍ଦର୍ଯ୍ୟକୁ ନେଇ ତାଚ୍ଛଲ୍ୟ କରନ୍ତି, କିନ୍ତୁ ସାହାଯ୍ୟର ହାତ ବଢ଼ାନ୍ତି ନାହିଁ।

ତା' ପରଦିନଠାରୁ ସଙ୍ଗୀତା ପ୍ରତି ମୋର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ବଦଳିଗଲା। ମୁଁ ଆଉ ତାକୁ କେବଳ ଏକ ସୁନ୍ଦରୀ ସହକର୍ମୀ ଭାବେ ଦେଖୁନଥିଲି, ମୁଁ ତାକୁ ଜଣେ ଯୋଦ୍ଧା ଭାବେ ଦେଖୁଥିଲି। ମୁଁ ଚେଷ୍ଟା କଲି ତାକୁ ତା' କାମରେ ସାହାଯ୍ୟ କରିବାକୁ। ସେ ମଧ୍ୟ ମୋର ଏହି ପରିବର୍ତ୍ତନକୁ ଅନୁଭବ କରିପାରିଲା। ଆମ ଭିତରେ ଏକ ଅଜଣା ବନ୍ଧୁତା ଗଢ଼ି ଉଠିଲା। ଆମେ କେବଳ ଅଫିସିଆଲ୍ ଫାଇଲ୍ ନୁହେଁ, ବରଂ ଜୀବନର ଅନେକ ଛୋଟବଡ଼ କଥା ଶେୟାର୍ କରିବାକୁ ଲାଗିଲୁ। ଅଫିସର ଲୋକମାନେ ଏବେ ଆମକୁ ନେଇ ଗପ ଆରମ୍ଭ କରିଦେଲେ। 'ଦେଖୁଛ ତ, ଆଜିକାଲି ଦୁଇଜଣଙ୍କ ଭିତରେ ଖୁବ୍ ଜମୁଛି!' ଶର୍ମା ବାବୁଙ୍କ ଏହି କମେଣ୍ଟ ମୋତେ ଆଉ ରାଗ ଆଣୁନଥିଲା, ବରଂ ତାଚ୍ଛଲ୍ୟ ଭରା ଲାଗୁଥିଲା। ମୁଁ ଜାଣିଥିଲି ମୋର ସଙ୍ଗୀତା ପ୍ରତି ଥିବା ଭାବନା କେତେ ପବିତ୍ର।

ଦିନେ ସଙ୍ଗୀତା ଅଫିସ୍ ଆସିନଥିଲା। ମୋତେ ଲାଗିଲା ଯେମିତି ସାରା ଅଫିସ୍ ଅନ୍ଧାର ହୋଇଯାଇଛି। ମୋର କୌଣସି କାମରେ ମନ ଲାଗୁନଥିଲା। ମୁଁ ବାରମ୍ବାର ଫୋନ୍ ଉଠାଉଥିଲି ତାକୁ ମେସେଜ୍ କରିବାକୁ, କିନ୍ତୁ ପୁଣି ରହିଯାଉଥିଲି। ହଠାତ୍ ମୋ ଫୋନ୍ ବାଜିଉଠିଲା। ସଙ୍ଗୀତାଙ୍କ ନାଁ ଦେଖି ମୋ ହୃଦୟର ସ୍ପନ୍ଦନ ବଢ଼ିଗଲା। 'ହ୍ୟାଲୋ, ସଙ୍ଗୀତା? କ'ଣ ହୋଇଛି? ତୁମେ ଆଜି ଆସିଲ ନାହିଁ?' ସେପଟୁ କାନ୍ଦକାନ୍ଦ ସ୍ୱରରେ ସଙ୍ଗୀତା କହିଲା, 'ବାପାଙ୍କ ଦେହ ବହୁତ ଖରାପ। ମୁଁ ଏବେ ହସ୍ପିଟାଲରେ ଅଛି।' ମୁଁ ଆଉ କିଛି ନଭାବି ଅଫିସ୍?ରୁ ଛୁଟି ନେଇ ହସ୍ପିଟାଲ ଅଭିମୁଖେ ଧାଇଁଲି। ସେଠାରେ ପହଞ୍ଚିଲା ବେଳକୁ ସଙ୍ଗୀତା ଏକାକୀ ଏକ ଚୌକିରେ ବସି କାନ୍ଦୁଥିଲା। ତା'ର ସେଇ ଶୁଭ୍ର ଚେହେରାଟି ଶୁଖି ଯାଇଥିଲା। ମୁଁ ତା' ପାଖକୁ ଯାଇ ତା' କାନ୍ଧରେ ହାତ ରଖିଲି। ସେ ମୋତେ ଦେଖି ଅଟକି ପାରିଲା ନାହିଁ, ମୋତେ କୁଣ୍ଢାଇ ଧରି ପ୍ରବଳ କାନ୍ଦିବାକୁ ଲାଗିଲା। ସେଇ ମୁହୂର୍ତ୍ତରେ ମୋତେ ଲାଗିଲା ଯେମିତି ମୁଁ ଦୁନିଆର ସବୁଠାରୁ ଶକ୍ତିଶାଳୀ ମଣିଷ, କାରଣ ମୁଁ ତା'ର ଦୁଃଖର ସହଭାଗୀ ହୋଇପାରିଛି।

ଅନେକ ଦିନ ହସ୍ପିଟାଲରେ କଟିଲା। ମୁଁ ଦିନରେ ଅଫିସ୍ କରୁଥିଲି ଏବଂ ରାତିରେ ହସ୍ପିଟାଲରେ ସଙ୍ଗୀତାଙ୍କ ସହ ରହୁଥିଲି। ଅଫିସରେ ମୋତେ ନେଇ ଅନେକ ଆଲୋଚନା ହେଲା, କିନ୍ତୁ ମୁଁ ସେଥିପ୍ରତି ଭ୍ରୁକ୍ଷେପ କଲିନାହିଁ। ଶେଷରେ ସଙ୍ଗୀତାଙ୍କ ବାପା ସୁସ୍ଥ ହୋଇ ଘରକୁ ଫେରିଲେ। ସେଦିନ ସଙ୍ଗୀତା ମୋତେ କହିଲା, 'ଆପଣ ମୋ ଜୀବନରେ ଏକ ଦେବଦୂତ ପରି ଆସିଲେ। ମୁଁ ଜାଣେନି ଆପଣଙ୍କ ଋଣ ମୁଁ କେମିତି ସୁଝିବି।' ମୁଁ କହିଲି, 'ସଙ୍ଗୀତା, ପ୍ରେମ ଏବଂ ସମ୍ମାନରେ କେହି କାହାର ଋଣୀ ହୁଅନ୍ତି ନାହିଁ। ମୁଁ ଯାହା କଲି, ତାହା ମୋ ହୃଦୟର ଆଦେଶ ଥିଲା।'

ସମୟ ବଦଳିଗଲା। ସଙ୍ଗୀତା ଆଉ ସେଇ ପୁରୁଣା ଭୟଭୀତ ଝିଅ ହୋଇ ରହିନଥିଲା। ସେ ଏବେ ଅଫିସରେ ଗର୍ବର ସହ କାମ କରୁଥିଲା। ଶର୍ମା ବାବୁ ଏବଂ ଅନ୍ୟମାନେ ମଧ୍ୟ ଧୀରେ ଧୀରେ ନିରବ ହୋଇଗଲେ, କାରଣ ସେମାନେ ଦେଖିଲେ ଯେ ସଙ୍ଗୀତା ପଛରେ ଏମିତି ଜଣେ ମଣିଷ ଠିଆ ହୋଇଛି ଯିଏ ତା'ର ସମ୍ମାନ ପାଇଁ କିଛି ବି କରିପାରେ। ଆମ ସମ୍ପର୍କର କୌଣସି ନିର୍ଦ୍ଦିଷ୍ଟ ନାମ ନଥିଲା—ନା ଏହା ପ୍ରେମିକ-ପ୍ରେମିକା ଥିଲା, ନା କେବଳ ବନ୍ଧୁତା। ଏହା ଥିଲା ଦୁଇଟି ଆତ୍ମାର ଏକ ନିବିଡ଼ ସମ୍ପର୍କ, ଯାହା ଶରୀର ଏବଂ ରୂପର ଊର୍ଦ୍ଧ୍ୱରେ ଥିଲା।

ସଙ୍ଗୀତା ଆଜି ବି ମୋ ସାମ୍ନା ଟେବୁଲରେ ବସେ। ତା'ର ସେଇ ହସ ଏବେ ବି ସେମିତି ମିଠା। କିନ୍ତୁ ସେ ହସରେ ଏବେ ଏକ ଆତ୍ମବିଶ୍ୱାସର ଝଲକ ଥାଏ। ସେ ଯେତେବେଳେ ମୋ ଆଡ଼କୁ ଚାହିଁ ଧୀରେ ପଚାରେ, 'କେମିତି ଅଛନ୍ତି?', ସେତେବେଳେ ମୋତେ ଲାଗେ ଜୀବନର ସବୁ ପ୍ରଶ୍ନର ଉତ୍ତର ମୁଁ ପାଇଯାଇଛି। ସଙ୍ଗୀତା କେବଳ ଏକ ସୁନ୍ଦର ଝିଅର ନାଁ ନୁହେଁ, ସେ ହେଉଛି ମୋ ଜୀବନର ସେଇ ଶେଷ ରଙ୍ଗ, ଯାହା ମୋର ଖାଲି କାନ୍‌ଭାସ୍‌କୁ ସମ୍ପୂର୍ଣ୍ଣ କରିଦେଇଛି। ତା'ର ସେଇ ଦୁଧଅଳତା ରଙ୍ଗର ଦେହ ଆଜି ମୋତେ କାମନା ନୁହେଁ, ବରଂ ଶାନ୍ତି ପ୍ରଦାନ କରେ। ମୁଁ ଜାଣିଛି, ସମୟ ଆସିବ ଯେତେବେଳେ ଆମେ ହୁଏତ ଅଲଗା ହୋଇଯିବା, କିନ୍ତୁ ତା'ର ସେଇ ପବିତ୍ର ପ୍ରତିଛବି ମୋ ହୃଦୟର ଗଭୀରତମ ପ୍ରଦେଶରେ ଚିରକାଳ ପାଇଁ ଅମ୍ଳାନ ହୋଇ ରହିବ। ପ୍ରେମର ଅର୍ଥ କେବଳ ପାଇଯିବା ନୁହେଁ, ବରଂ କାହାର ସ୍ୱାଭିମାନର ସାହାରା ହେବା-ଏହା ହିଁ ମୁଁ ସଙ୍ଗୀତାଙ୍କଠାରୁ ଶିଖିଛି।

ଆଜି ଅଫିସ୍‌ର କାମ ସରିଲା ପରେ ଆମେ ଏକାଠି ବାହାରକୁ ଆସିଲୁ। ସହରର ରାସ୍ତାରେ ଆଲୋକର ମାଳା ଝଲସୁଥିଲା। ସଙ୍ଗୀତା କହିଲା, 'ଜାଣନ୍ତି, ଆଜି ମୋତେ ଲାଗୁଛି ମୁଁ ସ୍ୱାଧୀନ।' ମୁଁ କହିଲି, 'ତୁମେ ସବୁବେଳେ ସ୍ୱାଧୀନ ଥିଲ ସଙ୍ଗୀତା, କେବଳ ତୁମେ ନିଜକୁ ଅନ୍ୟର ଦୃଷ୍ଟିରେ ଦେଖୁଥିଲ। ଆଜି ତୁମେ ନିଜକୁ ନିଜ ଆଖିରେ ଦେଖିବା ଶିଖିଛ।' ସେ ମୋ ହାତକୁ ଧୀରେ ଛୁଇଁଲା। ସେଇ ସ୍ପର୍ଶରେ ଏକ ଏମିତି ଶିହରଣ ଥିଲା ଯାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବିନି। ଏହା ଥିଲା ବିଶ୍ୱାସର ସ୍ପର୍ଶ, ଏହା ଥିଲା କୃତଜ୍ଞତାର ସ୍ପର୍ଶ। ଆମେ ଦୁହେଁ ନିରବରେ ଆଗକୁ ଚାଲିଥିଲୁ। ସହରର କୋଳାହଳ ଆମକୁ ଆଉ ବିଚଳିତ କରୁନଥିଲା। କାରଣ ଆମ ଭିତରେ ଏକ ଏମିତି ଶବ୍ଦହୀନ ସଙ୍ଗୀତ ବାଜୁଥିଲା, ଯାହାର ସ୍ୱର କେବଳ ଆମେ ହିଁ ବୁଝିପାରୁଥିଲୁ। ସଙ୍ଗୀତା, ଯାହାର ନାମର ଅର୍ଥ ସଙ୍ଗୀତ, ସେ ପ୍ରକୃତରେ ମୋ ଜୀବନର ଶ୍ରେଷ୍ଠ ସଙ୍ଗୀତ ପାଲଟି ଯାଇଥିଲା। ଏହି ଗଳ୍ପର ଶେଷ ହୁଏତ ନାହିଁ, କାରଣ ଯେଉଁଠି ଆତ୍ମାର ମିଳନ ହୁଏ, ସେଠାରେ ସମୟ ସ୍ଥିର ହୋଇଯାଏ।

*ନିରାକାରପୁର, ପୁରୀ*

## ତୋ ବିନା

ତୁ ମୋର ପ୍ରିୟ ସାଥି ଜୀବନର ସାରଥୀ
ତୋ ବିନା ଜୀବନରେ ମିଳିବେନି ଅତିଥି।
ତୁ ଏଇ ଶରୀରରେ ଦେଇଥାଉ ଶକତି
ତୋ ବିନା ଜଗତରେ ମିଳେନାହିଁ ମୁକତି।
ତୁ ସଦା ଏ ପରାଣେ ଦେଉଥାଉ ପ୍ରେରଣା
ତୋ ବିନା ଝରେନାହିଁ କୃପାବାରି ଝରଣା।
ତୁ ମନ ମାନସରେ ଭରିଦେଉ ଚେତନା
ତୋ ବିନା ଆସେନାହିଁ ଶୁଦ୍ଧପୂତ ପ୍ରାର୍ଥନା।
ତୁ ଅନ୍ତର ଆତ୍ମାରେ ଶିବ ଆଉ ଶିବାନୀ
ତୋ ବିନା ଦିଶେନାହିଁ ଅନ୍ଧ ଚକ୍ଷୁ ପାଏନି।
ତୁ ବାଟ କଢ଼ାଉଛୁ ଭବିଷ୍ୟତ ପାଇଁ କି
ତୋ ବିନା ରହିଯାଏ ହାତପଦ ଥାଇ କି।
ତୁ ରାତ୍ରି ଆକାଶରେ ମଧୁଝରା ଚାନ୍ଦିନୀ
ତୋ ବିନା ଫୁଟେନାହିଁ ସରୋବରେ
ପଦ୍ମିନୀ।
ତୁ ନବ ଆଲୋକର ଅମୃତର ସାଗର
ତୋ ବିନା ସୃଷ୍ଟିହୁଏ ସବୁବେଳେ ଅନ୍ଧାର।
ତୁ ସଦା ଜୀବନରେ ପୂର୍ଣ୍ଣତାର ପ୍ରତୀକ
ତୋ ବିନା ସଫଳତା ହୋଇଥାଏ ଅଳିକ।
ତୁ ଥାଉ ଅପେକ୍ଷାରେ ରଚିବାକୁ କାହାଣୀ
ତୋ ବିନା ନିରର୍ଥକ ସସାଗରା ଧରଣୀ।
ତୁ ନବ ଚେତନାର ରୂପାନ୍ତର କାରିଣୀ
ତୋ ବିନା ଜୀବନରେ ଅଧାରୁହେ
କାହାଣୀ।

**ଛବିଳ କୁମାର ସାହୁ**
କଳା ଶିକ୍ଷକ, କୁଣ୍ଡାପିଠା ଉଚ୍ଚ ବିଦ୍ୟାଳୟ,
କୁଣ୍ଡାପିଠା, ଦେବଗଡ଼
ମୋ: ୯୯୩୮୦୯୯୪୯୬

## ପ୍ରେମସପ୍ତାହ

ଶୀତ ମାସ ଯାଇ ଆସିଲା ବସନ୍ତ
କୋଇଲି ଗାଇଲା ଗୀତ,
ଆମ୍ବଗଛଟିରେ ବଉଳ ଆସିଲା
ନର-ନାରୀ ହେଲେ ମିତ ।।
ହଳଦୀବସନ୍ତ ଗୋଲକ ଗଛରେ
ବସି କହୁଛି ସଙ୍ଗାତ,
ପ୍ରେମର ଋତୁଟା ଆସି ପହଞ୍ଚିଲା
ଚାଲ ବୁଲିଯିବା ଯାତ ।।
ଗୋଲାପ ଗଛଟି ଥୁଣ୍ଟା ଦିଶୁଅଛି
ସକାଳେ ଥିଲା ପୁରିତ,
ପ୍ରେମର ସପ୍ତାହ ଆରମ୍ଭିଲା ଆଜି
ଗୋଲାପ ଫୁଲେ ପାଳିତ ।।
କି ସୁନ୍ଦର ଥିଲା ଗୋଲାପ ବଗିଚା
ଗୋଲାପି ରଙ୍ଗେ ସଜ୍ଜିତ,
ଗୋଲାପ ଦିନରେ ଫୁଲ ତୋଳିଆଣି
କରୁଛ ଗଛକୁ କ୍ଷତ ।।
ଚକଲେଟ୍ ଟେଡି ଦେଇ ପ୍ରେମ କର
ଇଏ କି ପ୍ରେମର ମତ,
ଥୁଣ୍ଟା କରି ଗଛ ଟଙ୍କା କରି ଶେଷ
ଏ ପ୍ରେମକି ତୁମ ସତ ।।
ଫୁଲ ଗଛଟିଏ ଉପହାର ଦିଅ
କର ପ୍ରେମ ଅବିରତ,
ଗଛଟି ହୋଇବ ପ୍ରେମର ପ୍ରତୀକ
ଫୁଟିବ ଫୁଲ ବହୁତ ।।
ଯୁଗ ଯୁଗ ପାଇଁ ବିତରି ସୁମନ
ମହକିବ ଏଜଗତ,
ପ୍ରେମର ମହକ ହେବ ପ୍ରସାରିତ
ଜାଣିବ ସାରା ଜଗତ ।।

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି
ମୋ: ୯୭୭୬୪୫୬୪୮୭

ଜାତୀୟ ଚେତନା
JATIYA CHETANA



# କଳିଙ୍ଗ ଷ୍ଟାଡିୟମ୍‌ରେ ୨୫୦ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ

## ବିମାନ ଯୋଜନାରେ ଏୟାରଷ୍ଟ୍ରିପ୍‌ରେ ଆମ୍ବୁଲାନ୍ସ ବ୍ୟବସ୍ଥା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଜା.ପ୍ର): ଆମ୍ବୁଲାନ୍‌ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟରେ ଗତ ୨୩ ଡିସେମ୍ବରରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଛନ୍ତି।

ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି। କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ଏଏଲସ ଆମ୍ବୁଲାନସ ବର୍ତ୍ତମାନ ନିୟୋଜିତ ଅଛି। ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

# ବକେୟା ଚାଲାଣ ପୈଠ ନକଲେ ମିଳିବନି ପିୟୁସିସି

ଭୁବନେଶ୍ୱର,(ଜା.ପ୍ର): ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର (ପିୟୁସିସି) ପାଇବାକୁ ହେଲେ ବକେୟା ଚାଲାଣ ପୈଠ କରିବାକୁ ହେବ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇବା ସହିତ ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ହାଇକୋର୍ଟ ଅନ୍ତ ଘଟାଇଛନ୍ତି। ସେଣ୍ଟ୍ରାଲ୍ ମୋଟର ଭେଇକିଲ୍ ରୁଲ -୧୬୭, ସବରୁଲ -୧୨ ଅନୁସାରେ ବକେୟା ଚାଲାଣ ଥିଲେ ପିୟୁସିସି ପାଇଁ ଆବେଦନ କରିହେବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ସ୍ପଷ୍ଟ କହିଛନ୍ତି। ଅବଶ୍ୟ ଗତ ୨୭ ଜାନୁଆରୀରେ ହାଇକୋର୍ଟ ଯେଉଁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ, ସେହି ମୁତାବକ ପିୟୁସିସି ନଥିଲେ ପେଟ୍ରୋଲ୍ ମିଳିବା ନେଇ ଜାରି ହୋଇଥିବା କଟକଣା କାର୍ଯ୍ୟକାରୀ ହୋଇନଥିଲା। କିନ୍ତୁ ନିକଟରେ ପରିବହନ ବିଭାଗ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି, ଯେଉଁଥିରେ ସଂଶୋଧିତ ମୋଟର ଭେଇକିଲ୍ ରୁଲ୍ ବାବଦରେ କୋର୍ଟକୁ ଅବଗତ କରାଯାଇଛି। ଏ ସଂପର୍କରେ ଆଜି ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ। ହାଇକୋର୍ଟ ଏହାକୁ ଗ୍ରହଣ କରିବା ସହିତ ଦାୟର ଜନସ୍ୱାର୍ଥ ମାମଲା ଉପରେ ଆଜି ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଗତ ଡିସେମ୍ବର ୨୦ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା ଯେ ଗାଡ଼ି ମାଲିକଙ୍କ ପିୟୁସିସି ନଥିଲେ ତାଙ୍କୁ ପେଟ୍ରୋଲ୍ କି ଡିଜେଲ ମିଳିବନି। ଏ ନେଇ ବିଭିନ୍ନ ତୈଳ ବିକ୍ରୟକାରୀ କଂପାନୀକୁ ଲେଖା ଯାଇଥିବା ଚିଠିକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ମୋଟରଯାନ ଆଇନ ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯ ଉଲଂଘନ କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଥିଲା। ଗାଡ଼ିର ପିୟୁସିସି ପ୍ରମାଣପତ୍ର ନଥିବାଯାଏ ମାଲିକଙ୍କୁ ପେଟ୍ରୋଲ୍ କିମ୍ବା ଡିଜେଲ୍ ବିକ୍ରୟ ନକରିବା ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲଂଘନ କରୁଥିବା ଆବେଦନକାରୀଙ୍କ ଓକିଲ ପକ୍ଷରୁ କୋର୍ଟକୁ ଦର୍ଶାଯାଇଥିଲା। ଏଥି ସହିତ ଗାଡ଼ିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା, ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ।



# ଆଇନ ବିଶାରଦଙ୍କୁ ନେଇ ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ: ବାଚସ୍ପତି

ଭୁବନେଶ୍ୱର,(ଜା.ପ୍ର): ଆଇନ ବିଶାରଦଙ୍କୁ ନେଇ ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ। ଏହା କହିଛନ୍ତି ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀ। ମହାରାଷ୍ଟ୍ର ବିଧାନସଭାଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ପ୍ରବର୍ତ୍ତିତ ଧାରା ଅନୁରୂପ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ଦୁଇଦିନିଆ ବାଚସ୍ପତି କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନରୱେକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି ଖାଦିର ଫରିଦ୍ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବ୍ୟାଖ୍ୟା କରିବା ସହ ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର ଏହାର ପ୍ରଭାବ ଓ ଭବିଷ୍ୟତ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ, ଦଶମ ଅନୁସୂଚୀ ଯାହାକି ଦଳବଦଳ ନିରୋଧ ଆଇନ ଭାବେ ପରିଗଣିତ। ଏହା ୧୯୮୫ରେ ଆମ ସମ୍ବିଧାନର ୫୨ତମ ସଂଶୋଧନରେ ଲାଗୁ କରାଯାଇଛି। ଏହା ଦ୍ୱାରା 'ଆୟା ରାମ, ଗୟା ରାମ' ଭଳି ଏକ ଖରାପ ପରମ୍ପରାକୁ ପ୍ରତିହତ କରାଯାଉଛି। ଏହା ଦ୍ୱାରା ନିର୍ଦ୍ଦିଷ୍ଟ ଦଳ ମଧ୍ୟରେ ଘଟୁଥିବା ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ କ୍ଷେତ୍ରରେ ବହୁମାତ୍ରାରେ ଅଙ୍କୁଶ ଲାଗିପାରୁଛି। ପୂର୍ବରୁ ବିଧାୟକମାନେ ନିଜର ବ୍ୟକ୍ତିଗତ ଲାଭ ପାଇଁ ସମସ୍ତ ନୀତି ଓ ନୈତିକତା ତଥା ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ କୁଠାରାଘାତ କରିଥାଆନ୍ତି। କିନ୍ତୁ ସମ୍ବିଧାନ ସଂଶୋଧନ ଫଳରେ ଏସବୁ କ୍ଷେତ୍ରରେ ଏକ ଲକ୍ଷ୍ମଣରେଖା ରହିପାରୁଛି। ଦଶମ ଅନୁସୂଚୀ ଅନୁଯାୟୀ ଦଳ ବଦଳକାରୀ ତଥା ଦଳଡିଆଁ ବିଧାୟକ ଓ ସାଂସଦମାନଙ୍କୁ ନିର୍ଦ୍ଦିଷ୍ଟ ଦଳରୁ ନିଲମ୍ବନ କରିବା ସହ ସଭ୍ୟପଦ ରଦ୍ଦ କରାଯାଇ ପାରୁଛି। ପରବର୍ତ୍ତୀ ସମୟରେ ୨୦୦୩ରେ ୯୧ତମ ସମ୍ବିଧାନ ସଂଶୋଧନରେ ଏହି ବ୍ୟବସ୍ଥାକୁ ଆହୁରି କଠୋର ଓ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଏ କ୍ଷେତ୍ରରେ ୨୦୨୩ର ଆମର ସର୍ବୋଚ୍ଚ ନ୍ୟାୟାଳୟ ଦଳବଦଳ କ୍ଷେତ୍ରରେ ବାଚସ୍ପତିଙ୍କୁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ଦଳୀୟ ସମ୍ବିଧାନ ଅନୁଯାୟୀ ନିର୍ଦ୍ଦିଷ୍ଟ ଦଳରେ କେଉଁ ବିଭାଜିତ ଗୋଷ୍ଠୀ ସେହି ପ୍ରକୃତ ରାଜନୈତିକ ଗୋଷ୍ଠୀର ନା ନୁହେଁ, କେବଳ ବିଧାନସଭା ଗୃହରେ ବହୁମତଧାରୀ ସଦସ୍ୟ ଭାବେ ପ୍ରକୃତରେ ମୂଳ ଦଳ ନା ନୁହେଁ। ଏ ସମ୍ପର୍କରେ ବାଚସ୍ପତି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ। ତେବେ ଏ କ୍ଷେତ୍ରରେ ସମ୍ବିଧାନ ତଥା ଆଇନର ବିଶାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ ଓ ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇ ପାରିବ ଏ ଦିଗରେ ଯନିବାନ ହେବା ଆବଶ୍ୟକ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ମତ ଉପସ୍ଥାପନ କରିଛନ୍ତି। ପରବର୍ତ୍ତୀ ସମୟରେ ୨୦୨୬ ଏପ୍ରିଲ ୨୦ ଓ ୨୧ ତାରିଖରେ ଭୁବନେଶ୍ୱର କିମ୍ବା ପୁରୀଠାରେ କମିଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସହମତି ପ୍ରକାଶ ପାଇଥିବାବେଳେ ଆଗାମୀ ୮ ମାସ ମଧ୍ୟରେ କମିଟିର ରିପୋର୍ଟ ଲୋକସଭାର ବାଚସ୍ପତିଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ୪୧୧୧ କୋଟିର ୨୩ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,(ଜା.ପ୍ର): ୧୪୪ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆହୂତ ଏହି ବୈଠକରେ ମୋଟ ୪୧୧୧.୮୦ କୋଟି ଟଙ୍କା ବିନିଯୋଗ ସହିତ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି, ଯାହାକି ମୋଟ୍ ୯୯୨୪ ବା ପ୍ରାୟ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖିଛି। ଏହି ମଞ୍ଜୁରି ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତିଭିତ୍ତିକ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ପ୍ରତିଫଳିତ ହେବ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଅନୁମୋଦିତ କରାଯାଇଥିବା ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଗୁଡ୍ସ, ପୋଷାକ ଏବଂ ବୟନଶିଳ୍ପ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି, ଫାର୍ମାସ୍ୟୁଟିକାଲ୍ସ, କେମିକାଲ୍ସ, ରିଫ୍ରାକ୍ଟୋରୀ, ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍, ଖଣିଜ ଲାଭ, ଧାତୁ ଡାଉନଷ୍ଟ୍ରିମ୍, ପ୍ଲାଷ୍ଟିକ୍, ଗ୍ଲାସ୍ ଉତ୍ପାଦନ, ଲଜିଷ୍ଟିକ୍ ଏବଂ ଗୋଦାମ, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ଏବଂ ଆତିଥେୟତା ଆଦି ବିଭିନ୍ନ କ୍ଷେତ୍ରରେ ରହିଛି, ଯାହା ରାଜ୍ୟର ବିବିଧ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ସହନଶୀଳ ଶିଳ୍ପ ରଣନୀତିକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପଗୁଡିକୁ ରାଜ୍ୟର ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଆଦି ୧୧ ଟି ଜିଲ୍ଲାରେ କାର୍ଯ୍ୟାନ୍ୱୟନ କରାଯିବ, ଯାହା ମାଧ୍ୟମରେ ଆଞ୍ଚଳିକ ସମତୁଲ ଶିଳ୍ପ ବିକାଶ ଏବଂ ବୃହତ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବ ବୋଲି କୁହାଯାଇଛି।

ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ଏହି ୨୩ଟି ପ୍ରକଳ୍ପ ସାମଗ୍ରିକ ଭାବେ ମୋଟ ୪୧୧୧.୮୦ କୋଟି ନିବେଶ ଏବଂ ୯୯୨୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି, ଯାହା ପୂର୍ବ ଭାରତରେ ଓଡ଼ିଶାକୁ ଏକ ସମ୍ଭାବନାଶୀଳ ନିବେଶ ଗନ୍ତବ୍ୟ ସ୍ଥାନ ଭାବରେ ପୁନରୁତ୍ଥାପିତ କରିଛି । ପାରମ୍ପରିକ ଉତ୍ପାଦନରୁ ବିମାନ ଓ ଅନ୍ତରୀକ୍ଷ ଶିଳ୍ପ, ପ୍ରତିରକ୍ଷା, ଉନ୍ନତ ଉତ୍ପାଦନ, ଲଜିଷ୍ଟିକ୍ସ, ଭିତ୍ତିଭୂମି ଓ ପ୍ରିମିୟମ୍ ପର୍ଯ୍ୟଟନ ପର୍ଯ୍ୟନ୍ତ ସୁଦୃଢ କ୍ଷେତ୍ରୀୟ ବିବିଧତା ସହିତ, ରାଜ୍ୟ ଏକ ସହିଷ୍ଣୁ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଆଧାର ନିର୍ମାଣ କରୁଛି। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ସମୟସୀମା ମଧ୍ୟରେ, ସମନ୍ୱିତ ଅନୁମୋଦନ ଏବଂ ସକ୍ରିୟ ନିବେଶକ ସୁବିଧା ସୁନିଶ୍ଚିତ କରି ବ୍ୟବସାୟିକ ସୁଗମତାକୁ ବଢ଼ାଇବାରେ ଲାଗିଛି, ଯାହା ନିବେଶ ଉଦ୍ଦେଶ୍ୟକୁ ବାସ୍ତବ ପ୍ରକଳ୍ପରେ ଦ୍ରୁତ ରୂପାନ୍ତରିତ କରିବାରେ ସକ୍ଷମ କରୁଛି । ସମୃଦ୍ଧ ଓଡ଼ିଶା-୨୦୩୬ ର ଦୀର୍ଘମିଆଦୀ ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ଏହି ଅନୁମୋଦନ କରାଯାଇଛି, ଯାହାକି ବ୍ୟାପକ ନିଯୁକ୍ତିଭିତ୍ତିକ ଅଭିବୃଦ୍ଧି, ନିରନ୍ତରତା ଭିତ୍ତିରେ ଶିଳ୍ପାୟନ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

ଅନୁମୋଦିତ ପ୍ରକଳ୍ପଗୁଡିକ ମଧ୍ୟରେ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଦ୍ରବ୍ୟ କ୍ଷେତ୍ରରେ, ନିଫା ଲିମିଟେଡ୍ ଖୋର୍ଦ୍ଧାରେ ୩୮୪ କୋଟି ଟଙ୍କା ବିନିଯୋଗରେ ଏକ ରେଳ ଯନ୍ତ୍ରାଂଶ ଉତ୍ପାଦନ ସ୍ଥାପନ କରିବ, ଯାହା ୩୧୦ ନିଯୁକ୍ତି ସୃଷ୍ଟି କରିବ। ସେହିପରି ଉନ୍ନତ ମାନୁଫାକ୍ଚରିଂ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଇନଭେଷ୍ଟଗ୍ରୀଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୩୦୦ କୋଟି ଟଙ୍କା ବିନିଯୋଗରେ ଏକ ଉନ୍ନତ ମଲ୍ଟି ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ, ଯାହା ୧,୦୦୦ ନିଯୁକ୍ତି ସୃଷ୍ଟି କରିବ ଏବଂ ଏହା ରାଜ୍ୟର ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମରେ ଏକ ପ୍ରମୁଖ ପଦକ୍ଷେପ ହେବ। ସମୁଦ୍ର ଓ ଜାହାଜ ନିର୍ମାଣ କ୍ଷେତ୍ରରେ, ନର୍ଥନ ଏକ୍ସପ୍ରେସ୍ ଇନଫ୍ରାଡେଭେଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଭଦ୍ରକରେ ଜାହାଜ ନିର୍ମାଣ ଓ ଜାହାଜ ମରାମତି ସୁବିଧା ବିକଶିତ କରିବାକୁ ୩୩୯.୪୦ କୋଟି ଟଙ୍କାର ନିବେଶ କରିବ, ଯଦ୍ଦ୍ୱାରା ୫୦୭ ରୋଜଗାର ସୁଯୋଗ ସୃଷ୍ଟି ହେବା ସହିତ ଓଡ଼ିଶାକୁ ଉଦୀୟମାନ ସମୁଦ୍ର ଶିଳ୍ପ କେନ୍ଦ୍ର ଭାବେ ଅବସ୍ଥାପିତ କରିବ। ପୋଷାକ ଏବଂ ବସ୍ତ୍ର କ୍ଷେତ୍ରରେ ଜେ.ଜି ହୋସିଏରୀ ପ୍ରା. ଲିଃ. ଖୋର୍ଦ୍ଧାରେ ଏକ ପୋଷାକ ଉତ୍ପାଦନ ଏକକ ସ୍ଥାପନା କରିବ, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୧୪୯.୭୬ ନିୟୁତ ଖଣ୍ଡ କପଡା ବିଶିଷ୍ଟ ଏବଂ ୧୦୦ କୋଟି ନିବେଶ ସହିତ, ୨୩୫୦ ଚାକିରି ସୃଷ୍ଟି ହେବ। ଇସ୍ପାତ, ଖଣିଜ ବେନିଫିକେସନ ଏବଂ ଆନୁଷଙ୍ଗିକ ଧାତୁ ଡାଉନଷ୍ଟ୍ରିମ କ୍ଷେତ୍ରରେ, ସୁନ୍ଦରଗଡରେ କଳିଙ୍ଗ ମେଟାଲିକ୍ସ ଲିମିଟେଡର ୪ ଏମଟିପିଏ ଲୁହାପଥର ବେନିଫିସିଏସନ ପ୍ଲାଣ୍ଟ ସମେତ ଏକାଧିକ ବୃହତ୍ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି, ଯେଉଁଥିରେ ୬୦୦ କୋଟି ଟଙ୍କା ବିନିଯୋଗ ହୋଇଛି, ଯାହା ୭୦୦ ନିଯୁକ୍ତି ସୃଷ୍ଟି କରିବ।

ଜାତୀୟ ଚେତନା
JATIYA CHETANA



## ଓଡ଼ିଆ ପୁଅ ପ୍ରମୋଦ ଭଗତ୍‌ଙ୍କ ନୂଆ କୀର୍ତ୍ତିମାନ୍

ନୂଆଦିଲ୍ଲୀ,(ଏଜେନ୍ସି): ଓଡ଼ିଶାର ଗର୍ବ ଗୌରବ ତଥା ଦେଶର ଶ୍ରେଷ୍ଠ ପାରା ସଟଲର୍ (ବ୍ୟାଡମିଣ୍ଟନ୍ ଖେଳାଳି) ପ୍ରମୋଦ ଭଗତ୍ ବିଡବ୍ଲୁ୍ୟଏଫ୍ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ଚାମ୍ପିଅନ୍‌ସିପ୍‌ର ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବାହାରିନର ମାନାମାଠାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର କମାଣ୍ଡିଂ ଫାଇନାଲ୍ ପ୍ରତିଯୋଗିତାରେ ପ୍ରମୋଦ୍ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମାମ୍‌ଙ୍କୁ ୨୧-୧୨, ୨୧-୧୮ ସ୍କୋରଲାଇନ୍ ସହିତ ପରାସ୍ତ କରିଛନ୍ତି। ତେବେ ଏହି ଚମତ୍କାର ବିଜୟ ସହିତ, ପ୍ରମୋଦ ସିଙ୍ଗଲ୍ସରେ ତାଙ୍କର ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ଏବଂ ତାଙ୍କର କ୍ରମାଗତ ଚତୁର୍ଥ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଏହି ସ୍ୱର୍ଣ୍ଣ ପଦକ ସହ ସେ ଦେଶ ପାଇଁ ଆଉ ଏକ ଐତିହାସିକ ସ୍ୱର୍ଣ୍ଣିମ ଗୌରବ ଆଣିଥିବା ବେଳେ ନିଜ କୀର୍ତ୍ତିମାନରେ ଆଉ ଏକ ଅଧ୍ୟାୟ ଯୋଡିଛନ୍ତି। ସେ ଏବେ ବିଶ୍ୱର ପ୍ରଥମ ପାରା ସଟଲର୍ ସାଜିଛନ୍ତି ଯିଏକି ସର୍ବାଧିକ ୬ଥର ବିଶ୍ୱ ଚାମ୍ପିଅନସିପ୍ ପୁରୁଷ ସିଙ୍ଗଲ୍ସ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛନ୍ତି। ପ୍ରମୋଦ୍ ଭବତ୍ ୨୦୦୯, ୨୦୧୫, ୨୦୧୯, ୨୦୨୨, ୨୦୨୪ ସହ ୨୦୨୬ରେ ମଧ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛନ୍ତି। ତେବେ ୨୦୨୬ରେ ଏହି ସ୍ୱର୍ଣ୍ଣ ପଦକ ସହିତ, ପ୍ରମୋଦ ଭଗତ ୫ ସ୍ୱର୍ଣ୍ଣ ପଦକ ପାଇଥିବା କିମ୍ବଦନ୍ତୀ ଲିନ୍ ଡାନ୍ ସଟଲଙ୍କୁ ପଛରେ ପକାଇ ଦେଇଛନ୍ତି।

# ଭାରତ ୬୧ ରନ୍‌ରେ ବିଜୟୀ

କଲମ୍ବୋ,(ଏଜେନ୍ସି): କ୍ରିକେଟ୍ ମଇଦାନ୍‌ରେ ପୁଣିଥରେ ପାକିସ୍ତାନଙ୍କୁ ଚିତ୍‌ପଟାଙ୍ଗ କରିଛି ଭାରତ। କଲମ୍ବୋରେ ଖେଳାଯାଇଥିବା ଚଳିତ ଟି-୨୦ ବିଶ୍ୱକପ୍‌ର ହାଇଭୋଲ୍‌ଟେଜ୍ ମ୍ୟାଚ୍‌ରେ ଭାରତ ୬୧ ରନ୍‌ରେ ପାକିସ୍ତାନଙ୍କୁ ଶୋଚନୀୟ ଭାବେ ହରାଇ ଦେଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ୭ ୱିକେଟ୍ ହରାଇ ୧୭୫ ରନ୍ କରିଥିଲା। ଜବାବରେ ପାକିସ୍ତାନ ଟିମ୍ ୧୮ ଓଭର୍‌ରେ ହିଁ ୧୧୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଏହା ଟୁର୍ଣ୍ଣାମେଣ୍ଟ୍‌ରେ ରନ୍ ହିସାବରେ ପାକିସ୍ତାନ ବିପକ୍ଷରେ ଭାରତର ସବୁଠୁ ବଡ଼ ବିଜୟ। ଏହା ସହିତ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ହାର ୮-୧ ହୋଇଛି। ଏହି ବିଜୟ ସହ ଭାରତ ତିନିଟି ମ୍ୟାଚ୍ ଜିତି ଟୁର୍ଣ୍ଣାମେଣ୍ଟର ସୁପର୍-୮ରେ ସ୍ଥାନ ପକ୍କା କରିଛି।




୧୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପାକିସ୍ତାନଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ବଲ୍‌ରେ ହିଁ ଝଟ୍‌କା ଦେଇଥିଲେ। ଖାତା ଖୋଲିବା ପୂର୍ବରୁ ସେ ସାହିବଜାଦା ଫରହାନ୍‌ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ଦ୍ୱିତୀୟ ଓଭର୍‌ର ଦ୍ୱିତୀୟ ବଲ୍‌ରେ ଜସ୍‌ପ୍ରୀତ୍ ବୁମ୍‌ରା ଅନ୍ୟତମ ଓପ୍ନର୍ ସୈମ୍ ଅୟୁବ୍ (୬)ଙ୍କୁ ବିଦା କରିଥିଲେ। ବୁମ୍‌ରା ସେହି ଓଭର୍‌ର ଶେଷ ବଲ୍‌ରେ କ୍ୟାପ୍‌ଟେନ୍ ସଲ୍‌ମାନ୍ ଅଲୀ ଆଗା (୪)ଙ୍କ ୱିକେଟ୍ ନେଇ ପାକ୍ ଟିମ୍‌କୁ ତୃତୀୟ ଝଟ୍‌କା ଦେଇଥିଲେ। ପଞ୍ଚମ ଓଭର୍‌ରେ ବାବର୍ ଆଜମ୍ (୫)ଙ୍କୁ ବୋଲ୍ଡ କରି ଅକ୍ଷର ପଟେଲ୍ ପାକିସ୍ତାନ ସ୍କୋର୍ ୩୪/୪ କରିଥିଲେ। ଏହାପରେ ଉସ୍‌ମାନ୍ ଖାନ୍ ଓ ଶାଦାବ୍ ଖାନ୍ ଇନିଂସ୍ ସମ୍ଭାଳି ୩୯ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ଉସ୍‌ମାନ୍ ଖାନ୍‌ଙ୍କୁ ଆଉଟ୍ କରି ଅକ୍ଷର ପଟେଲ୍ ଏହି ଯୋଡ଼ି ଭାଙ୍ଗିଥିଲେ। ଉସ୍‌ମାନ୍ ୩୪ ବଲ୍‌ରେ ସର୍ବାଧିକ ୪୪ ରନ୍ କରିଥିଲେ। ମହମ୍ମଦ ନୱାଜ୍ ୪ ରନ୍ କରି କୁଲଦୀପ୍ ଯାଦବଙ୍କ ଶିକାର ହୋଇଥିଲେ। ତିଳକ ବର୍ମା ୧୩ଶ ଓଭର୍‌ର ପ୍ରଥମ ବଲ୍‌ରେ ଶାଦାବ ଖାନ୍‌ଙ୍କ ଶିକାର କରିଥିଲେ। ଶାଦାବ୍ ୧୪ ରନ୍ କରିଥିଲେ। ୧୬ଶ ଓଭର୍‌ରେ ବରୁଣ ଚକ୍ରବର୍ତ୍ତୀ ଲଗାତାର ବଲ୍‌ରେ ଫହିମ୍ ଅଶରଫ୍ (୧୦) ଏବଂ ଅବରାର୍ ଅହମଦ (୦)ଙ୍କୁ ଆଉଟ୍ କରିବା ପରେ ହାର୍ଦ୍ଦିକ ପାକିସ୍ତାନର ଅନ୍ତିମ ୱିକେଟ୍ ହାତେଇ ଥିଲେ। ଭାରତ ପକ୍ଷରୁ ବୁମ୍‌ରା, ହାର୍ଦ୍ଦିକ, ଅକ୍ଷର ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ କୁଲଦୀପ୍ ଯାଦବ ଓ ତିଳକ ବର୍ମାଙ୍କୁ ୧-୧ ସଫଳତା ମିଳିଥିଲା।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଓଭର୍‌ରେ ହିଁ ଅଭିଷେକ ଶର୍ମାଙ୍କ ୱିକେଟ୍ ହରାଇଥିଲା। ଖାତା ଖୋଲିବା ପୂର୍ବରୁ ପାକ୍ କ୍ୟାପ୍‌ଟେନ୍ ସଲ୍‌ମାନ୍ ଆଗା ତାଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ଈଶାନ୍ କିଶନ୍ ଓ ତିଳକ ବର୍ମା ମୋର୍ଚ୍ଚା ସମ୍ଭାଳିଥିଲେ। ଦୁହେଁ ଦ୍ୱିତୀୟ ୱିକେଟ୍ ପାଇଁ ୪୬ ବଲ୍‌ରେ ୮୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ଈଶାନ୍ ଇଶନ୍‌ଙ୍କୁ ଆଉଟ୍ କରି ସୈମ୍ ଅୟୁବ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଈଶାନ୍ ୨୦ ବଲ୍‌ରେ ୭୭ ରନ୍ କରି ଫେରିଥିଲେ। ତାଙ୍କ ଇନିଂସ୍‌ରେ ୧୦ ଚୌକା ଓ ୩ ଛକା ସାମିଲ ଥିଲା। ଏହାପରେ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମାଙ୍କ ମଧ୍ୟରେ ଭଲ ପାର୍ଟନରଶିପ୍ ହୋଇଥିଲା। ତେବେ ୧୫ଶ ଓଭର୍‌ରେ ତିଳକ ଦୁଇଟି ଚୌକା ଓ ଗୋଟିଏ ଛକା ବଳରେ ୨୫ ରନ୍ କରିଥିବା ବେଳେ ସୈମ୍ ଆୟୁବ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ପରବର୍ତ୍ତୀ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ୧୯ତମ ଓଭର୍‌ରେ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କୁ ଆଉଟ୍ କରି ଉସ୍‌ମାନ୍ ତାରିକ୍ ଭାରତକୁ ପଞ୍ଚମ ଝଟ୍‌କା ଦେଇଥିଲେ। ସୂର୍ଯ୍ୟା ୨୯ ବଲ୍‌ରେ ୩ ଚୌକା ବଳରେ ୩୨ ରନ୍ କରିଥିଲେ। ଶିଭମ୍ ଦୁବେ ୧୭ ବଲ୍‌ରୁ ୩ ଚୌକା ଓ ଗୋଟିଏ ଛକା ବଳରେ ଅନ୍ତିମ ଓଭର୍‌ରେ ରନ୍‌ଆଉଟ୍ ହୋଇଥିଲେ। କିନ୍ତୁ ରିଙ୍କୁ ସିଂହ ୪ ବଲ୍‌ରେ ଗୋଟିଏ ଲେଖାଏଁ ଛକା ଓ ଚୌକା ଦମ୍‌ରେ ଅପରାଜିତ ୧୧ ରନ୍ କରିଥିଲେ। ଏହା ଦମ୍‌ରେ ଭାରତ ୭ ୱିକେଟ୍ ହରାଇ ୧୭୫ ରନ୍ କରିଥିଲା।

## ‘ଲାହୋର ୧୯୪୭’ ସହ ପୁଣି ଧମାକା କରିବେ ସନ୍ନି ଦେଓଲ

ସନ୍ନି ଦେଓଲଙ୍କ ବର୍ତ୍ତମାନ ମୁକ୍ତିଲାଭ କରିଥିବା ଫିଲ୍ମ ‘ବର୍ଡର ୨’ ବକ୍ସ ଅଫିସରେ ଧମାକା କରିଥିଲା। ମୁକ୍ତିଲାଭ ପରେ ଏହି ଫିଲ୍ମଟି ଏକ ସେନସେସନ ପାଲଟିଥିଲା ଏବଂ ସାରା ବିଶ୍ୱରେ ୪୦୦ କୋଟିରୁ ଅଧିକ ରୋଜଗାର କରିସାରିଛି। ‘ବର୍ଡର ୨’ ସହିତ ଧମାଲ ମଚାଇବା ପରେ, ସନ୍ନି ଦେଓଲ ପୁଣି ଥରେ ବଡ଼ ପରଦାରେ ଧମାଲ କରିବାକୁ ଆସିଛନ୍ତି ଏବଂ ତାହା ମଧ ଏହି ବର୍ଷ। ‘ବର୍ଡର ୨’ ଦମଦାର ସଫଳତା ମଧ୍ୟରେ ବର୍ତ୍ତମାନ ପୁଣି ପରଦାରେ ଧମାକା କରିବାକୁ ପ୍ରସ୍ତୁତ ସନ୍ନି। ସେ ‘ଲାହୋର ୧୯୪୭’ ପୁଣି ଫେରୁଛନ୍ତି। ଯାହାର ରିଲିଜ ତାରିଖ ଏବେ ଘୋଷଣା ହୋଇଛି ।

ଏହି ଫିଲ୍ମ ଆମୀର ଖାନ ପ୍ରଡକ୍ସନ ଦ୍ୱାରା ନିର୍ମିତ। ଏଥିସହ ଏହି ଫିଲ୍ମରେ ଆମୀର ଖାନ କ୍ୟାମିଓ ରୋଲରେ ମଧ ନଜର ଆସିବେ। ରାଜକୁମାର ସନ୍ତୋଷୀ ଫିଲ୍ମର ନିର୍ଦ୍ଦେଶନା ଦେବେ ଏବଂ ଏହି ଚଳଚ୍ଚିତ୍ର ସହ ଡିଓପି ଏବଂ କ୍ୟାମେରାମ୍ୟାନ ଭାବେ ଅତି ପ୍ରତିଭାବାନ ସନ୍ତୋଷ ଶିବନଙ୍କ ନାଁ ଜଡ଼ିତ। ଏହି ଫିଲ୍ମ ସହ ପ୍ରଥମ ଥର ପାଇଁ ସନ୍ନି ଦେଓଲ, ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ଏବଂ ପ୍ରଯୋଜକ ଆମୀର ଖାନ ମିଳିତ ଭାବେ କାମ କରିଛନ୍ତି। ‘ଘାୟଲ’ ଏବଂ ‘ଦାମିନୀ’ ଭଳି ଚଳଚ୍ଚିତ୍ର ପରେ ରାଜକୁମାର ସନ୍ତୋଷୀ ସହ ସନ୍ନି ଦେଓଲଙ୍କ ଏହା ତୃତୀୟ ଫିଲ୍ମ।

ଏହି ଫିଲ୍ମ ଅଗଷ୍ଟ ୧୩, ୨୦୨୬ରେ ସ୍ୱାଧୀନତା ଦିବସ ସପ୍ତାହରେ ସିନେମା ଘରେ ଆସିବାକୁ ଯାଉଛି। ଏହି ଫିଲ୍ମରେ ଶବାନା ଆଜମି, ପ୍ରୀତି ଜିଣ୍ଟା ଏବଂ କରଣ ଦେଓଲ ମଧ ଅଭିନୟ କରିଛନ୍ତି, ଯେଉଁଥିରେ ଏ. ଆର୍. ରହମାନଙ୍କ ସଙ୍ଗୀତ ଏବଂ ଜାଭେଦ ଅଖତରଙ୍କ ଗୀତ ରହିଛି। ପ୍ରୀତି ଏବଂ ସନ୍ନି ଦେଓଲଙ୍କୁ ପୂର୍ବରୁ ‘ହିରୋ’ ଏବଂ ‘ଫର୍ଜ’ ଭଳି ସିନେମାରେ ଏକାଠି ଦେଖିବାକୁ ମିଳିଥିଲା ଏବଂ ସେମାନଙ୍କର ଯୋଡ଼ିକୁ ଖୁବ ପସନ୍ଦ କରାଯାଇଥିଲା। ତେବେ ଏହି ଫିଲ୍ମ ସହ ସନ୍ନି ଏବଂ ପ୍ରୀତି ୩ୟ ଥର ପାଇଁ ଏକାଠି କାମ କରିବେ।

ଫିଲ୍ମ ବିଷୟରେ ଆଲୋଚନା କରି ଆମିର ଖାନ ଏକ ବିବୃତ୍ତିରେ କହିଛନ୍ତି, ‘ଏହା ଧରମଜୀଙ୍କ ପ୍ରିୟ ସ୍କ୍ରିପ୍ଟ ମଧ୍ୟରୁ ଗୋଟିଏ ଥିଲା, ଏବଂ ମୁଁ ବହୁତ ଖୁସି ଯେ ସେ ଏହି ଫିଲ୍ମ ଦେଖିପାରିଲେ’। ଏହି ଚଳଚ୍ଚିତ୍ରଟି ୧୯୪୭ ମସିହାରେ ଭାରତ ବିଭାଜନର ପୃଷ୍ଠଭୂମି ଉପରେ ଆଧାରିତ, ଯାହା ଉପମହାଦେଶର ଇତିହାସର ସବୁଠାରୁ ଅଶାନ୍ତ ଅଧ୍ୟାୟ ମଧ୍ୟରୁ ଗୋଟିଏ। ଏହାଏହି କାହାଣୀଟି ଅସଗର ୱାଜାହତଙ୍କ ପ୍ରଶଂସିତ ନାଟକ ‘ଜିସ୍ ଲାହୋର ନାଇ ଦେଖ୍ୟା, ଓ ଜମାୟୀ ନାଇ’ରୁ ଗ୍ରହଣ କରାଯାଇଛି ବୋଲି ଜଣାପଡ଼ିଛି, ଯାହା ବଡ଼ ଧରଣର ରାଜନୀତି ମାଧ୍ୟମରେ ନୁହେଁ, ବରଂ ସାମ୍ପ୍ରଦାୟିକ ହିଂସା ଏବଂ ବିସ୍ଥାପନ ଦ୍ୱାରା ଭାଙ୍ଗିଯାଇଥିବା ଘନିଷ୍ଠ ମାନବ ସମ୍ପର୍କ ମାଧ୍ୟମରେ ବିଭାଜନକୁ ପରଖିଥାଏ।

## ସସପେନ୍ସ-ଥ୍ରୀଲର୍ କାହାଣୀ ସହିତ ପରଦାକୁ ଆସିଲା ‘ରକ୍ତ ଗୋଲାପ’

ଭାଲେଣ୍ଟାଇନ୍ ଡେ’ରେ ପରଦାକୁ ଆସିଛି ଓଡ଼ିଆ ସିନେମା ‘ରକ୍ତ ଗୋଲାପ’। ସିନେମାଟି ପ୍ରେମ, ପ୍ରତାରଣା, ସସପେନ୍ସ ଓ ଥ୍ରୀଲରକୁ ନେଇ ନିର୍ମିତ ହୋଇଛି। ଏହା ସାରା ଓଡ଼ିଶାରେ ୩୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ସିନେମାରେ ମୁଖ୍ୟ ଭୂମିକାରେ ଅଛନ୍ତି ଏଲିନା ସାମନ୍ତରାୟ ଓ ଅଭିଷେକ ଗିରି। ସିନେମାଟିକୁ ଦର୍ଶକଙ୍କ ଭଲ ପାଇବା ମିଳୁଛି ବୋଲି ଅଭିନେତା କହିଛନ୍ତି।



‘ରକ୍ତ ଗୋଲାପ’ ଚଳଚ୍ଚିତ୍ରରେ ନାୟିକା ଏଲିନା ସାମନ୍ତରାୟ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ବିପକ୍ଷରେ ନାୟକ ସାଜିଛନ୍ତି ଅଭିଷେକ ଗିରି। ପ୍ରଥମ ଥର ପାଇଁ ଅଭିଷେକ ଓ ଏଲିନାଙ୍କ ଯୋଡି ପରଦାରେ ଦେଖିବାକୁ ମିଳିଛି। ‘ଏହା ଏକ ଅରିଜିନାଲ ସିନେମା ଅଟେ। ସସପେନ୍ସ ଓ ଥ୍ରୀଲର ପରିପୂର୍ଣ୍ଣ ଏହି ସିନେମାଟି ନିଶ୍ଚୟ ଦର୍ଶକଙ୍କୁ ପସନ୍ଦ ଆସିବ।’ ଚଳଚ୍ଚିତ୍ରର ଏକ ଗୀତ ‘ମେଘ କଦମ୍ବ’କୁ ଦର୍ଶକ ଭରପୂର ଭଲ ପାଇବା ଦେଇଛନ୍ତି ବୋଲି କହିଛନ୍ତି ଅଭିନେତା ଅଭିଷେକ ଗିରି।

ଏହି ଚଳଚ୍ଚିତ୍ରରେ ପ୍ରଯୋଜନା ଦେଇଛନ୍ତି ଅଶ୍ରୁଜିତ ମହାପାତ୍ର ଓ ଶୋଭନ ଦାସ। ନିର୍ଦ୍ଦେଶନା ଦେଇଛନ୍ତି ଶିଶିର କୁମାର ସାହୁ ଓ ପିନାକୀ ସିଂ। ପୂର୍ବରୁ ‘ଚରିତ୍ର’ (୨୦୨୦), ‘ଡାଲଚିନି’ (୨୦୨୨) ଓ ‘ଫାଲଗୁନ ଚୈତ୍ର’ର ନିର୍ଦ୍ଦେଶନା ଦେଇ ବେଶ ସଫଳତା ହାସଲ କରିଛନ୍ତି ଏହି ନିର୍ଦ୍ଦେଶକ ଯୋଡି। ପ୍ରେମ ଓ ତ୍ୟାଗର ମହନୀୟତା ସାଥିରେ ନ୍ୟାୟିକ ଲଢ଼େଇ ଉପରେ ପର୍ଯ୍ୟବସିତ ହୋଇଛି ଏହି କାହାଣୀ ।

ସମରେଶ ରାଉତରାୟ, ଚୌଧୁରୀ ଜୟପ୍ରକାଶ ଦାସ, ହର ରଥ ଓ ଉଦିତ ଗୁରୁଙ୍କୁ ସିନେମାରେ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ।

‘ରକ୍ତ ଗୋଲାପ’ର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଆଶିଷ ପ୍ରଧାନ। ଚିତ୍ରନାଟ୍ୟ ତଥା ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାସ ଓ ଅନିଲ ବାରିକ। କ୍ୟାମେରା ପରିଚାଳନା କରିଛନ୍ତି ଯୁଧିଷ୍ଠିର ବେହେରା। ସମ୍ପାଦନାରେ ଅଛନ୍ତି ଅଙ୍କିତ ବିଦ୍ୟାଧର। ଶବ୍ଦସଜାରେ ଶକ୍ତି ସ୍ୱରୂପ ଦ୍ୱିବେଦୀ ଥିବା ବେଳେ କଳା ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମହାନ୍ତି।

’ରକ୍ତ ଗୋଲାପ’ ସିନେମାରେ ଏଲିନା ସାମନ୍ତରାୟ ଏକ ଆକର୍ଷଣୀୟ ଭୂମିକାରେ ନଜର ଆସିଛନ୍ତି। ଏହା ତାଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ଭାବପୂର୍ଣ୍ଣ ଅଭିନୟ ବୋଲି ସେ କହିଛନ୍ତି। ଅଭିଷେକ ଗିରିଙ୍କ ସହ ତାଙ୍କର ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛି। ‘ଏହା ଏକ ଭିନ୍ନ ପ୍ରକାରର ସିନେମା। ଟ୍ରେଲରକୁ ମଧ ଦର୍ଶକ ବହୁ ଭଲ ପାଇବା ଦେଇଥିଲେ।’ ସମସ୍ତ ଅଭିନେତାଙ୍କ ପରଫର୍ମାନ୍ସକୁ ଦର୍ଶକ ପସନ୍ଦ କରିଛନ୍ତି ବୋଲି ଅଭିନେତ୍ରୀ ଜଣକ କହିଛନ୍ତି। ସୂର୍ଯ୍ୟମୟୀଙ୍କ ପାତଳଘଣ୍ଟା ଆଇଟମ୍ ଗୀତରେ ଭରପୁର ମନୋରଞ୍ଜନର ଖୋରାକ ପାଇଛନ୍ତି ଦର୍ଶକ। ‘ରକ୍ତ ଗୋଲାପ’ ଦର୍ଶକଙ୍କୁ ବେଶ ପସନ୍ଦ ଆସିବ ବୋଲି କହିଛି ପ୍ରଯୋଜନା ସଂସ୍ଥା।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ